୧ମ ସ୍ୱନକ୍ଷତ୍ର

ସମୟ ସ୍ରୋତରେ ଆମେ

# ପ୍ରବାହ
PRABAHA

www.prabahaepaper.com

A Leading Odia Daily News Paper

RNI. Regd. No. ORORI/25/A1227

■ 16 July 2026, Thursday ■ Vol-02 ■ Issue - 21 ■ Odia ■ Daily ■ Puri ■ Page- 8 ■ Price-Rs.5/- ■ ୧୬ ଜୁଲାଇ ୨୦୨୬, ଗୁରୁବାର ■ ୦୨ ବର୍ଷ ■ ସଂଖ୍ୟା-୨୧ ■ ଓଡ଼ିଆ ■ ଦୈନିକ(ପ୍ରାତଃ ସଂସ୍କରଣ) ■ ପୁରୀ ■ ପୃଷ୍ଠା- ୮ ■ ମୂଲ୍ୟ-୫/







## ମହାପ୍ରଭୁଙ୍କ ଆଶୀର୍ବାଦ

ସର୍ବପ୍ରାଚୀନ ଓ ସର୍ବଶ୍ରେଷ୍ଠ ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରା । ବହୁ ମତ, ବହୁ ପନ୍ଥ, ବହୁ ସମ୍ପ୍ରଦାୟର ବିଶ୍ୱରେ ସାମ୍ୟ, ମୈତ୍ରୀ, ସଂହତିର ଯାତ୍ରା । ସର୍ବ ଧର୍ମ ସମନ୍ୱୟର ଯାତ୍ରା । ମୁକ୍ତି, ମୋକ୍ଷ ଓ ଆତ୍ମସମର୍ପଣର ଯାତ୍ରା । ମର୍ତ୍ତ୍ୟ ବୈକୁଣ୍ଠରେ ଆତ୍ମା ଓ ପରମାତ୍ମାଙ୍କ ମିଳନର ଯାତ୍ରା । ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀସୁଦର୍ଶନଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ଓହ୍ଲାଇ ଆସିଛନ୍ତି ବଡ଼ଦାଣ୍ଡକୁ । ବଡ଼ଦାଣ୍ଡ ଜନସମୁଦ୍ର । ବିଶ୍ୱ ଜଗନ୍ନାଥମୟ । ଶ୍ରଦ୍ଧାଳୁ ହାତଟେକି କହୁଛନ୍ତି-କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ । ପୁଣି କହୁଛନ୍ତି- ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଲୋକଙ୍କର ନାଥ, ହୋଇଲୁ ଦଶ




ଅବତାର, ନାଶିଲୁ ଅବନୀର ଭାର । ଶ୍ରୀଜଗନ୍ନାଥ ଜଣଙ୍କର ନୁହନ୍ତି, ସେ ଗଣର ଦେବତା । ସମନ୍ୱୟର ପ୍ରତିଭୂ, ଲୀଳାଖେଳର ମହାମାନ୍ତ୍ରିକ ପ୍ରତୀକ । ଚକାଆଖିରେ ସେ ସବୁ ଦେଖୁଛନ୍ତି । ହାତ ନାହିଁ, ସାରା ବ୍ରହ୍ମାଣ୍ଡକୁ ଧରିଛନ୍ତି । ପାଦ ନାହିଁ, ପାହୁଣ୍ଡ ପକାଇ ଧୀରେ ଧୀରେ ପହଣ୍ଡି ବିଜେ ହେଉଛନ୍ତି, ତ୍ରିଭୁବନ ବିହାର କରୁଛନ୍ତି । କର୍ଣ୍ଣ ନାହିଁ, ସାରା ଜଗତର ଗୁହାରୀ ଶୁଣୁଛନ୍ତି ।

ମହାପ୍ରଭୁଙ୍କ ରଥଯାତ୍ରାର ମହାପ୍ରବାହରେ 'ପ୍ରବାହ'ର ପ୍ରଥମ ସ୍ୱନକ୍ଷତ୍ରର ନୂତନ କଳେବରକୁ ଆମେ ଆପଣଙ୍କୁ ଭେଟି ଦେଉଛୁ । ଦୈନିକ ଖବର କାଗଜ 'ପ୍ରବାହ'ର ପ୍ରଥମ ସଂସ୍କରଣ ଆପଣଙ୍କ ପାଦପଦ୍ମରେ ଅର୍ପଣ କରି ଆମେ ଯାତ୍ରା ଆରମ୍ଭ କରିଥିଲୁ । ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ଆପଣଙ୍କ ଦୟାରେ ଏହା ଅବିରତ ଚାଲିଛି । ଆଜିର ଦିନକୁ ହିଁ ଅପେକ୍ଷା ରହିଥିଲା । ଆଜିର ଦିନ ଶ୍ରଦ୍ଧାଳୁଙ୍କ ପାଇଁ ଯେଉଁଳି ଦିବ୍ୟ ଓ ଭବ୍ୟ, ଆମ 'ପ୍ରବାହ' ପରିବାର ପାଇଁ ମଧ୍ୟ ସେଉଁଳି ଐତିହାସିକ । ରତ୍ନବେଦୀରୁ ମହାପ୍ରଭୁଙ୍କର ଜନ୍ମବେଦୀକୁ ଯାତ୍ରା ଦିନରେ ଆମେ ଆମର ହୃଦୟବେଦୀରୁ ଦୈନିକ 'ପ୍ରବାହ'ର ପ୍ରଥମ ସ୍ୱନକ୍ଷତ୍ର ପାଳନ କରିବା ଅବସରରେ ନୂତନ କଳେବର ରୂପରେ ଆପଣମାନଙ୍କ ହାତରେ ଟେକି ଦେଉଛୁ । ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ 'ପ୍ରବାହ'ର ଏହି ଯାତ୍ରା ଅଟକି ଯାଇନାହିଁ, ଚାଲିଛି । ସାପ୍ତାହିକରୁ ଦୈନିକର ଏକ ବର୍ଷ ପୂରଣ କରିବା ସହ ସ୍ୱପ୍ନ ବି ସାକାର କରିଛନ୍ତି ମହାପ୍ରଭୁ । ତାହା ପୁଣି ତାଙ୍କରି ଧାମରେ, ତାଙ୍କ ଶ୍ରୀକ୍ଷେତ୍ରରେ, ତାଙ୍କ ଆଷାଢ଼ ଉତ୍ସବରେ, ବଡ଼ଦାଣ୍ଡ ଉଚ୍ଛୁଳି ପଡୁଥିବାବେଳେ । ମହାପ୍ରଭୁ ତ କୃପାସିନ୍ଧୁ । ସତ୍ୟ ସମ୍ବାଦ ପରିବେଷଣ ମାଧ୍ୟମରେ ରାଷ୍ଟ୍ରହିତ ଦିଗରେ 'ପ୍ରବାହ' ସାହସର ସହିତ କାର୍ଯ୍ୟ କରିଚାଲୁ । ଏକ ଭୟମୁକ୍ତ, ଭୋକମୁକ୍ତ ଓ ଭ୍ରଷ୍ଟାଚାରମୁକ୍ତ ଓଡ଼ିଶା ଗଠନ ଦିଗରେ ପ୍ରବାହ ଗତି କରିଚାଲୁ । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏହି କାମନା କରୁଛି । ଏହି ଅବସରରେ 'ପ୍ରବାହ'ର ହାତଧରି ଆଗକୁ ବଢ଼ାଉଥିବା ସମସ୍ତଙ୍କୁ ଧନ୍ୟବାଦ ଦେଉଛୁ ।














## ରଥଖଳାରୁ ସିଂହଦ୍ୱାର ଲାଗିଲା ତିନିରଥ

# ରଥ-ପଥ-ଭକ୍ତ ପ୍ରସ୍ତୁତ





ପୁରୀ,୧୫।୭(ପ୍ରବାହ ନ୍ୟୁଜ): ସିଂହଦ୍ୱାରରେ ଲାଗିଲା ତିନିରଥ । ରଥଖଳାରୁ ଦକ୍ଷିଣମୋଡ ହୋଇ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରେ ପରେ ଦେବୀ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଶେଷରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ସିଂହଦ୍ୱାର ଅଭିମୁଖେ ପୋଲିସ , ଭୋଇ ସେବକ ମହାରଣା ସେବକ ମାନଙ୍କ ଦ୍ୱାରା ଟଣାଯାଇଥିଲା । ଶ୍ରୀମନ୍ଦିରରୁ ତିନୋଟି ଆଜ୍ଞାମାଳ ଆସିବା ପରେ ରଥଟଣା ଆରମ୍ଭ ହୋଇଥିଲା । ବିଜେ କାହାଳୀ ସହ ଘଣ୍ଟୁଆ ସେବକଙ୍କ ଘଣ୍ଟ ତାଳରେ କମ୍ପି ଉଠିଥିଲା ରଥଖଳା ଓ ମହାଖଳା ସିଂହଦ୍ୱାର । ହଜାର ହଜାର ଭକ୍ତଙ୍କ ଜୟ ଶ୍ରୀଜଗନ୍ନାଥ, ହରିବୋଲ ଓ ହୁଳୁହୁଳିରେ ତିନିରଥର ଦକ୍ଷିଣମୋଡ କରାଯାଇଥିଲା । ଆଜ୍ଞାମାଳ ଆସିବା ପୂର୍ବରୁ ଇନ୍ଦ୍ରଦେବ ବଡଦାଣ୍ଡକୁ ବର୍ଷା ଦ୍ୱାରା ଶୁଦ୍ଧପୂତ କରିଥିଲେ । ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଆଜିଠାରୁ ଲକ୍ଷାଧିକ ଭକ୍ତ ପୁରୀରେ ପହଞ୍ଚିଲେଣି । ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଶ୍ରୀଗୁଣ୍ଡିଚା ଯାତ୍ରାକୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରୁ ପହଣ୍ଡି ହୋଇ ରଥାରୁଢ ହେବା ପରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ । ଭକ୍ତି ଭାବରେ ଉଛୁଳି ପଡୁଛି ବଡଦାଣ୍ଡ । ଭକ୍ତ ଭାବବିହ୍ୱଳ ହୋଇ ବର୍ଷାକୁ ଖାତିରି ନକରି ବଡଦାଣ୍ଡରେ ପ୍ରଭୁଙ୍କ ପାଇଁ ଅପେକ୍ଷାରତ ।ଆବାଳ ବୃଦ୍ଧବନିତା ଏହି ଦୁର୍ଲଭ ଯାତ୍ରାକୁ ଦର୍ଶନ କରିବା ପାଇଁ ଅପେକ୍ଷାରତ । ଲକ୍ଷ ଲକ୍ଷ ଭକ୍ତ ଭଜନ କୀର୍ତ୍ତନ କରି ଟ୍ରେନ ବସ ଓ ଭଡା ଗାଡି ଦ୍ୱାରା ପୁରୀକୁ ଆସୁଛନ୍ତି । ଘୁ ଘୁ ଶଦ୍ଦରେ କମ୍ପୁଛି ବଡଦାଣ୍ଡ । ରଥ ପଥ ଜଗନ୍ନାଥ ଓ ଭକ୍ତଙ୍କ ର ହେବ ମହାମିଳନ । ବଡଦାଣ୍ଡର ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଖୁଣ୍ଟରେ ଲାଉଡ ସ୍ପିକରରେ ମହାପ୍ରଭୁଙ୍କ ଭଜନ ବାଜୁ ଥିବାରୁ ଭକ୍ତ ଆନନ୍ଦିତ ହେଉଛନ୍ତି । ଉଜ୍ଜ୍ୱଳ ଏଲଡି ଲାଇଟରେ ଝଲସୁଛି ବଡଦାଣ୍ଡ । ଖୋଲିଗଲାଣି ସ୍ୱେଚ୍ଛାସେବୀଙ୍କ ଷ୍ଟଲ । ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ସମସ୍ତଙ୍କ ଅପେକ୍ଷା କାଳିଆ ସାଆନ୍ତଙ୍କ ଦର୍ଶନ ।

## ୧୬,୭୨୪ ଗାଁକୁ ପହଞ୍ଚିଲା 'ହର ଘର ଜଳ', ଅକ୍ଟୋବର ୨୦୨୬ ସୁଦ୍ଧା ବାକି ପ୍ରକଳ୍ପ ଶେଷ

ଭୁବନେଶ୍ୱର୧୫।୭(ପ୍ରବାହ ନ୍ୟୁଜ): ରାଜ୍ୟର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ସରକାର କାମକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ୱାଟର ଆଣ୍ଡ ସାନିଟେସନ ମିଶନ (ଢଡଝଗ) ଏବଂ ଜଳ ଜୀବନ ମିଶନର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ବୈଠକରେ ସୂଚନା ଦିଆଯାଇଥିଲା ଯେ, ରାଜ୍ୟରେ ମୋଟ ୧୯,୦୮୬ଟି କ୍ଷୁଦ୍ର ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮,୭୩୭ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ପ୍ରକଳ୍ପଗୁଡ଼ିକୁ ଅକ୍ଟୋବର ୨୦୨୬ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ୨୦୭ଟି ମେଗା ପାଇପ୍ ୱାଟର ସପ୍ଲାଇ ପ୍ରକଳ୍ପ ମଧ୍ୟରୁ ୪୨ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ, ଆଉ ୪୪ଟି ପ୍ରକଳ୍ପରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ପାଣି ଯୋଗାଣ ଆରମ୍ଭ ହୋଇଛି। ସମସ୍ତ ପ୍ରକଳ୍ପ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନଜରଦାରି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଇଛି। ସୌର ଶକ୍ତି ଆଧାରିତ ପାନୀୟ ଜଳ ପ୍ରକଳ୍ପ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ମୋଟ ୮,୮୬୩ଟି ପ୍ରକଳ୍ପ ମଧ୍ୟରୁ ୬,୬୩୭ଟି କାର୍ଯ୍ୟ ଶେଷ ହୋଇଥିବାବେଳେ ବାକି ପ୍ରକଳ୍ପଗୁଡ଼ିକୁ ନଭେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଯୋଜନା ରହିଛି।

## ସଂଶୋଧନ ମାଧ୍ୟମରେ ସମ୍ପତ୍ତିର ବିକ୍ରୟ ଦଲିଲ ବଦଳାଯାଇପାରିବ ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ ,୧୫।୭(ପ୍ରବାହ ନ୍ୟୁଜ): ସମ୍ପତ୍ତି କାରବାର ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସଂଶୋଧନ ଦଲିଲ କେବଳ ଲିଖନ ତ୍ରୁଟି କିମ୍ବା ପାରସ୍ପରିକ ଭୁଲକୁ ସୁଧାରିବା ପାଇଁ ବ୍ୟବହାର ହୋଇପାରିବ। ଏହା ମାଧ୍ୟମରେ ମୂଳ ମାଲିକଙ୍କ ସମ୍ମତି ବିନା ସମ୍ପତ୍ତିର ପରିଚୟ, ସୀମା, ସ୍ଥାନ କିମ୍ବା ମୌଳିକ ବିବରଣୀ ବଦଳାଯାଇପାରିବ ନାହିଁ। ଅଦାଲତ ଏହା ମଧ୍ୟ କହିଛନ୍ତି, ଯେଉଁ ବ୍ୟକ୍ତିଙ୍କ ପାଖରେ ଯେଉଁ ଅଧିକାର ନାହିଁ, ସେ ଅନ୍ୟକୁ ତାହା ହସ୍ତାନ୍ତର କରିପାରିବେ ନାହିଁ। ଏହାକୁ ଆଇନରେ 'ନେମୋ ଡାଟ୍ କ୍ୱଡ୍ ନନ୍ ହାବେଟ୍' ନୀତି ବୋଲି କୁହାଯାଏ। ଏହି ମାମଲାରେ ଏକ ସମ୍ପତ୍ତିର ବିକ୍ରୟ ଦଲିଲ (ସେଲ ଡିଡ୍) ପରେ ସଂଶୋଧନ ଦଲିଲ କରାଯାଇଥିଲା। କିନ୍ତୁ ଏହି ସଂଶୋଧନ ଦଲିଲରେ ସମ୍ପତ୍ତିର ସୀମା, ପରିମାପ ଓ ପରିଚୟରେ ବଡ଼ ଧରଣର ପରିବର୍ତ୍ତନ କରାଯାଇଥିଲା। ଜଷ୍ଟିସ ଦୀପଙ୍କର ଦତ୍ତ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି, ଏପରି ପରିବର୍ତ୍ତନ କେବଳ ଭୁଲ ସୁଧାରିବା ନୁହେଁ, ବରଂ ଏକ ନୂଆ ସମ୍ପତ୍ତିର ପରିଚୟ ସୃଷ୍ଟି କରିବା ସହ ସମାନ। ତେଣୁ ଏଭଳି ସଂଶୋଧନ ଦଲିଲକୁ ଆଇନଗତ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ସୁପ୍ରିମ୍‌କୋର୍ଟ କହିଛନ୍ତି, ସଂଶୋଧନ ଦଲିଲର ଉଦ୍ଦେଶ୍ୟ କେବଳ ଟାଇପ୍ ତ୍ରୁଟି, ଲେଖାର ଭୁଲ କିମ୍ବା ଉଭୟ ପକ୍ଷର ଅଜାଣତରେ ହୋଇଥିବା ତ୍ରୁଟିକୁ ଠିକ୍ କରିବା। ଏହାକୁ ଆଧାର କରି ସମ୍ପତ୍ତିର ଅବସ୍ଥିତି, ସୀମା କିମ୍ବା ମାଲିକାନାରେ ପରିବର୍ତ୍ତନ ଆଣିହେବ ନାହିଁ। ଯଦି ସଂଶୋଧନ ଦଲିଲ ମୂଳ ଦଲିଲର ସ୍ୱରୂପକୁ ବଦଳାଇ ଦିଏ, ତେବେ ତାହାର କୌଣସି ଆଇନଗତ ମୂଲ୍ୟ ରହିବ ନାହିଁ। ଅଦାଲତ ଆହୁରି କହିଛନ୍ତି, କୌଣସି ବ୍ୟକ୍ତି ନିଜ ପାଖରେ ଥିବା ଅଧିକାରଠାରୁ ଅଧିକ ଅଧିକାର ଅନ୍ୟକୁ ଦେଇପାରିବେ ନାହିଁ। ଯଦି ମୂଳ ବିକ୍ରେତାଙ୍କର ସମ୍ପତ୍ତି ଉପରେ ବୈଧ ଅଧିକାର ନ ଥାଏ କିମ୍ବା ସେ ସମ୍ପତ୍ତିର ଠିକ୍ ପରିଚୟ ପ୍ରମାଣ କରିନପାରନ୍ତି, ତେବେ ପରବର୍ତ୍ତୀ କ୍ରେତା ମଧ୍ୟ ସେହି ସମ୍ପତ୍ତି ଉପରେ ବୈଧ ମାଲିକାନା ଦାବି କରିପାରିବେ ନାହିଁ। ଏହି ରାୟରେ ସୁପ୍ରିମ୍‌କୋର୍ଟ ତଳ ଅଦାଲତର ରାୟକୁ ବଜାୟ ରଖି କହିଛନ୍ତି ଯେ, ସମ୍ପତ୍ତି କାରବାରରେ ସ୍ୱଚ୍ଛତା ଓ ଦଲିଲର ବିଶ୍ୱସନୀୟତା ରକ୍ଷା କରିବା ଅତ୍ୟନ୍ତ ଜରୁରୀ। ସଂଶୋଧନ ଦଲିଲକୁ ନୂଆ ଅଧିକାର ସୃଷ୍ଟି କିମ୍ବା ସମ୍ପତ୍ତିର ପରିଚୟ ବଦଳାଇବାର ମାଧ୍ୟମ ଭାବେ ବ୍ୟବହାର କରିବାକୁ ଦିଆଗଲେ ଭବିଷ୍ୟତରେ ଜମିଜମା ବିବାଦ ବଢ଼ିବାର ଆଶଙ୍କା ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।



## କିରୋସିନି ଢାଳି ନିଜକୁ ଜାଳିଦେଲେ ଯୁବତୀ, ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ଗଞ୍ଜାମ : ବଡ଼ବଜାର ଥାନା ଅଧୀନ ଶାନ୍ତିନଗର ଲେନ୍-୫ରେ ଜଣେ ଯୁବତୀ କିରୋସିନି ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ସେ ଗୁରୁତର ଭାବେ ପୋଡ଼ିଯାଇଥିଲେ ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି ।ସୂଚନା ଅନୁଯାୟୀ, ଯୁବତୀ ଜଣକ ଶାନ୍ତିନଗର ଅଞ୍ଚଳର ବାସିନ୍ଦା। କୌଣସି କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ନିଆଁରେ ଗୁରୁତର ଭାବେ ଦଗ୍ଧ ହେବା ପରେ ପରିବାର ଓ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## କେନ୍ଦ୍ର କ୍ୟାବିନେଟ୍ ୨.୧୯ ଲକ୍ଷ କୋଟିର ପ୍ରସ୍ତାବ ମଞ୍ଜୁର

ନୂଆଦିଲ୍ଲୀ,୧୫।୭(ପ୍ରବାହ ନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ୨,୧୯,୩୫୩ କୋଟି ଟଙ୍କାର ପ୍ରସ୍ତାବ ମଞ୍ଜୁର ହୋଇଥିଲା। ସେମିକନ୍ ୨.୦ ପାଇଁ ୧,୨୭,୫୦୦ କୋଟି ଟଙ୍କା, ମୋବାଇଲ୍ ଫୋନ୍ ବିନିର୍ମାଣ ଯୋଜନା ପାଇଁ ୬୨,୫୦୦ କୋଟି ଟଙ୍କା ଓ ପାରାଦୀପ-ହରିଦାସପୁର ରେଳପଥର ଦୋହରୀକରଣ ପାଇଁ ୧,୩୬୫ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଛି ।ସେମିକନ୍ ୨.୦ ଯୋଜନା ଭାରତର ସେମିକଣ୍ଡକ୍ଟର ଡିଜାଇନ ଓ ବିନିର୍ମାଣ ପରିସଂସ୍ଥାକୁ ସୁଦୃଢ଼ କରିବ। ଏହାର ଥିବା ଛଅଟି ସ୍ତମ୍ଭ ହେଉଛି ଡିଜାଇନ, ମେସିନ୍ ଓ କଞ୍ଚାମାଲ, ଫ୍ୟାବ୍ ୟୁନିଟ୍ ସ୍ଥାପନ, ଏଟିଏମ୍‌ପି/ଓଏସ୍‌ଏଟି ଶିଳ୍ପର ସୁଦୃଢ଼ୀକରଣ, ଗବେଷଣା ଓ ବିକାଶ ଏବଂ ପ୍ରତିଭା ବିକାଶ। ଆଜିର ବୈଠକରେ ୟୁରିଆ ପାଇଁ ଜାତୀୟ ନିବେଶ ନୀତି ୨୦୨୬ ମଧ୍ୟ ମଞ୍ଜୁର ହୋଇଥିଲା। ଏହା ଅଧୀନରେ ଗ୍ୟାସ୍ ଆଧାରିତ ନୂଆ ୟୁରିଆ କାରଖାନା ସ୍ଥାପନକୁ ଉତ୍ସାହିତ କରାଯିବ। ୨୦୧୨ର ନୀତି ତୁଳନାରେ ଏଥିରେ କେତେକ ପରିବର୍ତ୍ତନ କରାଯାଇଛି ।ସ୍ଥାୟୀ ଓ ପରିବର୍ତ୍ତନଶୀଳ ଖର୍ଚ୍ଚକୁ ଅଲଗା କରାଯାଇଛି। ୧୨% ହାରରେ ଇକ୍ୱିଟି ଉପରେ ରିଟର୍ଣ୍ଣ ବ୍ୟବସ୍ଥା ଲାଗୁ କରାଯାଇଛି।



ବୈଦେଶିକ ମୁଦ୍ରା ବିନିମୟ ମୂଲ୍ୟରେ ହେଉଥିବା ପରିବର୍ତ୍ତନରୁ ସୁରକ୍ଷା ଦେବା ପାଇଁ ଚାରିବର୍ଷ ପରେ ସ୍ଥାୟୀ ଖର୍ଚ୍ଚକୁ ଭାରତୀୟ ଟଙ୍କାରେ ରୂପାନ୍ତରିତ କରାଯିବ। ନୀତିରେ ଏହି ପରିବର୍ତ୍ତନ ଦ୍ୱାରା ପ୍ରତି ନୂଆ କାରଖାନା ସ୍ଥାପନ ପିଛା ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହୋଇପାରିବ।

### ଓଡ଼ିଶାକୁ କେନ୍ଦ୍ର କ୍ୟାବିନେଟର ବଡ଼ ଉପହାର

## ୩,୯୦୭ କୋଟିର ୨ ରେଳ ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ



ଭୁବନେଶ୍ୱର,୧୫।୭(ପ୍ରବାହ ନ୍ୟୁଜ): ଓଡ଼ିଶାର ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ଆର୍ଥିକ ବ୍ୟାପାର ସମ୍ବନ୍ଧୀୟ କ୍ୟାବିନେଟ କମିଟି (CCEA) ବୈଠକରେ ଓଡ଼ିଶା ଓ ଝାଡ଼ଖଣ୍ଡ ପାଇଁ ୩,୯୦୭ କୋଟି ଟଙ୍କା ବ୍ୟୟର ଦୁଇଟି ବୃହତ୍ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରେଳ ଯାତାୟାତ ଅଧିକ ସୁଗମ ହେବା ସହ ମାଲ ପରିବହନ କ୍ଷମତା ମଧ୍ୟ ବୃଦ୍ଧି ପାଇବ ।ମଞ୍ଜୁରୀ ପାଇଥିବା ଦୁଇଟି ପ୍ରମୁଖ ପ୍ରକଳ୍ପ ହେଉଛି ପାରାଦୀପ-ହରିଦାସପୁର ରେଳପଥର ଡବଲିଂ ଏବଂ ରାଜଖରସୱାନ-ଡାଙ୍ଗୁଆପୋସି ମଧ୍ୟରେ ଚତୁର୍ଥ ରେଳ ଲାଇନ୍ ନିର୍ମାଣ। ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ଭାରତୀୟ ରେଳ ନେଟୱାର୍କରେ ପ୍ରାୟ ୧୪୫ କିଲୋମିଟର ନୂଆ କ୍ଷମତା ଯୋଡ଼ାଯିବ ।ଏହି ପ୍ରକଳ୍ପଗୁଡ଼ିକ ପିଏମ୍ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅଧୀନରେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ ରେଳ, ସଡ଼କ ଓ ବନ୍ଦର ଭଳି ବିଭିନ୍ନ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ବଢ଼ିବ ଏବଂ ଲଜିଷ୍ଟିକ୍ସ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।ରେଳ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଏହି ପ୍ରକଳ୍ପ ଯୋଗୁଁ ଅଧିକ ଟ୍ରେନ୍ ? ଚଳାଚଳ ସମ୍ଭବ ହେବ ଏବଂ ବ୍ୟସ୍ତ ରେଳପଥରେ ଟ୍ରାଫିକ୍ ଚାପ କମିବ। ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ଉଭୟର ଚଳାଚଳ ଅଧିକ ସୁରୁଖୁରୁ ହେବ ।ଏହି ଦୁଇ ପ୍ରକଳ୍ପର ସୁଫଳ ଓଡ଼ିଶା ଓ ଝାରଖଣ୍ଡର ୪ଟି ଜିଲ୍ଲାର ପ୍ରାୟ ୧,୫୨୬ଟି ଗାଁ ଏବଂ ୧୪ ଲକ୍ଷରୁ ଅଧିକ ଲୋକ ପାଇବେ। ନିର୍ମାଣ କାମ ସମୟରେ ବହୁ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି ହେବ। ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହି ପ୍ରକଳ୍ପ ବଡ଼ ପ୍ରୋତ୍ସାହନ ଦେବ। ଲଳିତଗିରି ବୌଦ୍ଧ ସ୍ମାରକ, କେନ୍ଦ୍ରାପଡ଼ାର ଶ୍ରୀ ବଳଦେବଜୀଉ ମନ୍ଦିର ଏବଂ ଝାରଖଣ୍ଡର ମେଘାହାତୁବୁରୁ ପାହାଡ଼ ପରି ପର୍ଯ୍ୟଟନସ୍ଥଳୀକୁ ଯାତାୟାତ ଆହୁରି ସହଜ ହେବ ।ପାରାଦୀପ-ହରିଦାସପୁର ଏବଂ ରାଜଖରସୱାନ-ଡାଙ୍ଗୁଆପୋସି ରେଳପଥ ଖଣିଜ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୋଇଲା, ଲୁହାପଥର, ଚୂନପଥର, ଡୋଲୋମାଇଟ୍ ଓ ଜିପ୍ସମ୍ ଭଳି ଖଣିଜ ଦ୍ରବ୍ୟର ପରିବହନ ଅଧିକ ଦ୍ରୁତ ହେବ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ପ୍ରତିବର୍ଷ ପ୍ରାୟ ୪୪ ମିଲିୟନ୍ ଟନ୍ ଅତିରିକ୍ତ ମାଲ ପରିବହନ କରାଯାଇପାରିବ ।କେନ୍ଦ୍ର ସରକାରଙ୍କ କହିବା ଅନୁସାରେ, ରେଳ ପରିବହନ ବୃଦ୍ଧି ଯୋଗୁଁ ସଡ଼କ ଉପରେ ନିର୍ଭରଶୀଳତା କମିବ। ଫଳରେ ପ୍ରତିବର୍ଷ ପ୍ରାୟ ୬ କୋଟି ଲିଟର ଇନ୍ଧନ ସଞ୍ଚୟ ହେବା ସହ ୨୯ କୋଟି କିଲୋଗ୍ରାମ କାର୍ବନ ନିର୍ଗମନ ହ୍ରାସ ପାଇବ, ଯାହା ପ୍ରାୟ ୧ କୋଟି ଗଛ ଲଗାଇବା ସହ ସମାନ ପରିବେଶଗତ ଲାଭ ବୋଲି ସରକାର ଦାବି କରିଛନ୍ତି। ଏହି ପ୍ରକଳ୍ପ ଓଡ଼ିଶାର ଶିଳ୍ପ, ବାଣିଜ୍ୟ ଓ ଯାତାୟାତ କ୍ଷେତ୍ରକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି।



For News, Advertisement & Circulation

Contact: 9938340066

Email id: prabaha2008@gmail.com
prabaha.daily@gmail.com

PRABAHA


16 July, ୨୦୨୬

# ରଥ ପଥ ଜଗନ୍ନାଥ

**ରାଜସ୍ମିତା ବାରିକ**

ସନାତନ ଧର୍ମରେ ପର୍ବପର୍ବାଣୀର ବିଶେଷ ମହତ୍ତ୍ୱ ରହିଛି। ଜଗନ୍ନାଥଙ୍କର ଏହି ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ । ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣ ସଦୃଶ । କୋଟି ଓଡ଼ିଆଙ୍କର ଆରାଧ୍ୟ ଦେବତା । ମହାପ୍ରଭୁ ଜଗନ୍ନାଥଙ୍କର ଏହା ଏକ ବଡ ପର୍ବ। ମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ନାମିତ । ପୌରାଣିକ ଅନୁସାରେ ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଶ୍ରୀକୃଷ୍ଣ। ଶ୍ରୀକୃଷ୍ଣଙ୍କର ଏହି ମୃତ ଶରୀରକୁ ପାଣ୍ଡବମାନେ ଦାହ କରିବା ପାଇଁ ନେଇଥିଲେ କିନ୍ତୁ ବିଫଳ ହେଲେ । କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣବ୍ରହ୍ମକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନଥିଲା । ପାଣ୍ଡବ ମାନଙ୍କୁ ଶୂନ୍ୟବାଣୀ ହୋଇଥିଲା କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ । ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ ।

ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ତିଆରି କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ



ମହାପ୍ରଭୁ ରାଜାଙ୍କୁ କହିଥିଲେ ହେ ରାଜା ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ମହାପ୍ରଭୁ ଗୁଣ୍ଡିଚା ଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି। ତିନି ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ତା ପରଦିନଠାରୁ ନିର୍ମାଣ ଆରମ୍ଭ ହୋଇ ନେତ୍ରୋତ୍ସବ ଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥାଏ। ଶିଳ୍ପ ଶାସ୍ତ୍ରୀୟ ପଦ୍ଧତିରେ ତିନୋଟି ରଥ ନିର୍ମାଣ କରାଯାଇଥାଏ । ନିମ୍ବ କାଠରେ ମୋଟ ୨୭ ଗୋଟି ପାର୍ଶ୍ୱ ଦେବାଦେବୀଙ୍କର ବିଗ୍ରହ ନିର୍ମାଣ କରାଯାଇଥାଏ। ରଥଯାତ୍ରାର ଦୁଇ ଦିନ ପୂର୍ବରୁ ପ୍ରତି ରଥରେ ନଅ ମୂର୍ତ୍ତି ଲେଖାଏଁ ପାର୍ଶ୍ୱଦେବତାଙ୍କୁ ଅଧିଷ୍ଠିତ କରାଯାଇଥାଏ। ନନ୍ଦିଘୋଷ ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ଏହି ରଥର ସାରଥି ଦାରୁକ । ନନ୍ଦିଘୋଷ ରଥର ଦଉଡ଼ିକୁ ଶଙ୍ଖଚୂଡ଼ କୁହାଯାଏ । ପରମ୍ପରା ଅନୁସାରେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ ଏହି ଧଳାରଙ୍ଗର ଚାରୋଟି ଘୋଡ଼ା ରଥରେ ସ୍ଥାପନ କରାଯାଇଥାଏ। ଏହି ରଥରେ ୧୬ଟି ଚକ ସଂଯୁକ୍ତ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ ରଥର ପତାକାରେ ଗରୁଡ଼ ଚିହ୍ନ ରହିଥାଏ। ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ଏହି ରଥକୁ ଆବରଣ କରାଯାଏ । ବଳଭଦ୍ରଙ୍କ ରଥକୁ ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ ବୋଲି କୁହାଯାଏ। ଏହି ରଥରେ ବଳଭଦ୍ର ଙ୍କ ସହ ରାମକୃଷ୍ଣ ବିଜେ କରିଥାନ୍ତି । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ବଳଭଦ୍ରଙ୍କ ରଥର ସାରଥି ମାତଳୀ । ଏହି ରଥର ଦଉଡ଼ିକୁ ବାସୁକୀ କୁହାଯାଇଥାଏ। ଏହି ରଥର ଦଧିନଉତିକୁ ହିରଣ୍ମୟୀ କୁହାଯାଏ। ଏହି ରଥରେ କଳା ରଙ୍ଗର ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ ନାମକ ଚାରୋଟି ଘୋଡ଼ା ସ୍ଥାପନ କରାଯାଏ । ଏହି ରଥର ଧ୍ୱଜା ରେ ଲକ୍ଷ୍ମୀନୃସିଂହ ଚିହ୍ନ ରହିଥାଏ। ନାଲି ଓ ସବୁଜ ରଙ୍ଗର କପଡ଼ାରେ ଏହି ରଥକୁ ଆବରଣ କରାଯାଏ।

ସୁଭଦ୍ରାଙ୍କ ରଥକୁ 'ଦର୍ପଦଳନ','ପଦ୍ମଧ୍ୱଜ' ବା 'ଦେବଦଳନ' କୁହାଯାଏ। ଏହି ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ଏହି ରଥର ସାରଥି ଅର୍ଜୁନ ଅଟନ୍ତି ।ଏହି ରଥର ଦଉଡ଼ିକୁ ସ୍ୱର୍ଣ୍ଣଚୁଡ କୁହାଯାଏ। ଏହି ରଥର ଧ୍ୱଜାରେ ଜୟଦୁର୍ଗାଙ୍କ ମୂର୍ତ୍ତି ରହିଥା । ଏହି ରଥରେ ରୋଚିକା, ମୋଚିକା, ଜିତା, ଅପରାଜିତା ନାଲିରଙ୍ଗର ଚାରୋଟି ଘୋଡ଼ା ସ୍ଥାପନ କରାଯାଏ ।

ମହାପ୍ରଭୁ ଜଗନ୍ନାଥଙ୍କର ଏହି ରଥଯାତ୍ରା ନଅ ଦିନ ଧରି ପାଳିତ ହୁଏ । ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା ,ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ଦଶାବତାର ଯାତ୍ରା ,ପତିତପାବନ ଯାତ୍ରା, ନବଦିନାତ୍ମକ ଯାତ୍ରା ,ଗୁଣ୍ଡିଚା ଯାତ୍ରା ହୋଇଥାଏ। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ଏକାଦଶୀରେ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ହୋଇ ଆସୁଅଛି। ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଆସିଲେ ଲକ୍ଷ୍ମୀ ଠାକୁରାଣୀଙ୍କ ସହିତ ଭେଟ ହୋଇଥାଏ । ଏହି ସମୟରେ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ । ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକତରେ ବିଜେ କରିବା ସମୟରେ ଏହି ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ। ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟ ରେ ରସଗୋଲା ଭୋଗ ହୋଇଥାଏ। ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି ।

**ନୀଳଗିର**



**ସନ୍ନ୍ୟାସଃ କର୍ମଯୋଗଶ୍ଚ, ନିଃଶ୍ରେୟ ସକରାବୁଭୌ
ତୟୋସ୍ତୁକର୍ମସନ୍ୟାସାତ୍, କର୍ମଯୋଗ ବିଶିଷ୍ୟତେ
ଜ୍ଞେୟଃ ସ ନିତ୍ୟ ସନ୍ନ୍ୟାସୀ, ଯୋନ ଦ୍ୱେଷ୍ଟି ନ କାଂକ୍ଷତି
ନିର୍ଦ୍ୱନ୍ଦୋହିଃ ମହାବାହୋ ସୁଖଂ ବନ୍ଧ୍ୟାତ୍ ପ୍ରମୁଚ୍ୟତେ**

ସକାମ କର୍ମଯୋଗ ତ୍ୟାଗ କରିବା, ନିଷ୍କାମ କର୍ମରେ ଯୋଗ ଦେବା ଏ ଉଭୟ ମୋକ୍ଷ ଦାୟକ। ଦୁହିଁଙ୍କ ମଧ୍ୟରେ କର୍ମଯୋଗ ଶ୍ରେଷ୍ଠ। ଯାହାର ଦ୍ୱେଷ ବା ଆକାଂକ୍ଷା ନାହିଁ ସେ ସନ୍ନ୍ୟାସୀ। ସେ ରାଗ, ଦ୍ୱେଷ ଶୂନ୍ୟ ହୋଇ ବନ୍ଧନରୁ ମୋକ୍ଷ ହୁଏ।

## ସମ୍ପାଦକ ମଣ୍ଡଳି

ପରିଚାଳନା ସମ୍ପାଦକ
**ସିଦ୍ଧାର୍ଥ ସ୍ୱରୂପ ଦାଶ**

ମୁଖ୍ୟ ସମ୍ପାଦକ
**ରଞ୍ଜିତ କୁମାର ଆଚାର୍ଯ୍ୟ**

କାର୍ଯ୍ୟନିର୍ବାହୀ ସମ୍ପାଦକ
**ପ୍ରକାଶ ଶତପଥୀ**

# ଶ୍ରୀଜଗନ୍ନାଥଙ୍କ ଛେରାପହଁରା ପରମ୍ପରା

**ବିକ୍ରମ ମହାପାତ୍ର**

ବର୍ଷରେ ଥରୁଟିଏ ପାଇଁ ସମଗ୍ର ଭକ୍ତ ଜନଙ୍କୁ କୃପା ବାରିଧାରା ଢ଼ାଳି ଦେବା ପାଇଁ ମହାପ୍ରଭୁ ରଥ ଉପରେ ବିରାଜିତ ହୋଇଥାନ୍ତି। ବିରାଜନ ପରେ ଯେଉଁ ଛେରା ପହଁରା ପରମ୍ପରା ରହିଛି ତା ଭିତରେ ଅନେକ ଚେତନା, ବାର୍ତ୍ତା ରହିଛି। ମହାପ୍ରଭୁଙ୍କ ପ୍ରଥମ ସେବକ ଆମ କୋଟି ଓଡ଼ିଆଙ୍କ ଗଜପତିଙ୍କ ଛେରା ପହଁରା ସେବା ବର୍ଷ ତମାମ ସେବା ରୀତିନୀତି ଭିତରେ ସବୁଠାରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାର ଆକର୍ଷଣ ହେଉଛି ସବୁଠାରୁ ଅଧିକ। ଐତିହାସିକ ତଥ୍ୟ ମାଦଳା ପାଞ୍ଜିର ସୂତ୍ର ଓ ଗବେଷକ ଯେଉଁ ତଥ୍ୟ ରଖିଛନ୍ତି – ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ଛେରା ପହଁରା ନୀତି କାନ୍ତିର ଆରମ୍ଭ ହୋଇଥିଲା। ପୂର୍ବ ସମୟରେ ସୀମିତ ନଥିଲା ଛେରା ପହଁରା। ଐତିହାସିକ ତଥ୍ୟ ମୁତାବକ ଶ୍ରୀବିଗ୍ରହ ମାନଙ୍କ ପହଣ୍ଡି ବେଳେ ଶ୍ରୀମନ୍ଦିର ଆଗରେ ପାହାଚ ଓ ରାସ୍ତାକୁ ସୁନା ଖଡ଼ିକାରେ ଓଳାଇବାର ବିଧି ବଳବତ୍ତର ଥିଲା।

'ଶ୍ରୀଚୈତନ୍ୟ ଚକଡ଼ା', 'ଶ୍ରୀକୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କ ସ୍ୱପ୍ରଣୀତ ଶ୍ରୀଚୈତନ୍ୟ ଚରିତ୍ରାମୃତ' ଆଦି ଅନେକ ଗ୍ରନ୍ଥ ପୁସ୍ତକରେ ମହାପ୍ରଭୁଙ୍କ ଛେରା ପହଁରା ସମ୍ପର୍କରେ ଲେଖା ରହିଛି। ସେ ସବୁ, ପ୍ରାଚୀନତମ। ଆମେ ଇତିହାସ ପୃଷ୍ଠାରୁ ଯେଉଁ ତଥ୍ୟ ସବୁ ଲିପିବଦ୍ଧ ରହିଛି, ମହାପ୍ରଭୁଙ୍କ ସେବା ସମ୍ପର୍କରେ ତତ୍କାଳୀନ ଇଂରେଜ ପ୍ରଶାସକ ଜନ ବିମ୍ସ ଯାହାଙ୍କ ଶାସନ କାଳ ୧.୮.୬୯ରୁ ୧.୮.୭୭ ପର୍ଯ୍ୟନ୍ତ ଥିଲାଙ୍କ ଦ୍ୱାରା ଲିଖିତ 'ମେମୋରିଜ ଅଫ ଏ ବେଙ୍ଗଲ ସିଭିଲିୟାନ' ବହିର ତିନିଶହ ତେଇଶି ପୃଷ୍ଠାରେ ଉଲ୍ଲେଖ ଅଛି ଯେ 'ଶ୍ରୀଜଗନ୍ନାଥ ରଥରେ ବସି ଯିବାର ବଡ଼ ଉତ୍ସବ ଦିନ ରାଜା ମନ୍ଦିର ଆଗରେ ଥିବା ପାହାଚକୁ ସୁନାର ପହଁରାରେ ଓଳାନ୍ତି।' ତେଣୁ ଗଜପତି ଦିବ୍ୟସିଂହ ଦେବଙ୍କ ପର୍ଯ୍ୟନ୍ତ ଶ୍ରୀବିଗ୍ରହଙ୍କ ପହଣ୍ଡି ବେଳେ ଶ୍ରୀମନ୍ଦିର ପାହାଚ ଓ ରାସ୍ତାକୁ ସୁନା ଖଡ଼ିକାରେ ଓଳା ଯାଉଥିଲା। ମାତ୍ର ତାଙ୍କର ପୁତ୍ର ରାଜା କୁମୁନ୍ଦ ଦେବଙ୍କ ସମୟରୁ ରଥ ଉପରେ ଛେରା ପହଁରାର ନୂତନ ବିଧାନ ହୋଇଥିଲା ବୋଲି ଗବେଷକ ଡକ୍ଟର ଭାସ୍କର ଚନ୍ଦ୍ର ମିଶ୍ରଙ୍କ 'ଶ୍ରୀଗୁଣ୍ଡିଚା ଯାତ୍ରା' ପୁସ୍ତକରେ ଲିପିବଦ୍ଧ ରହିଛି। ଆମେ ଏଠାରେ 'ଛେରା'ର ଅର୍ଥ ବହଳିଆ ଘୋରା ଉତ୍ସବକୁ ବୁଝାଉଥିବାବେଳେ 'ପହଁରା'ର ଅର୍ଥ ଓଳାଇବା। ଅର୍ଥାତ୍ ଛେରା ପହଁରାରେ ଗଜପତି ମହାରାଜ ରଥରେ ପହଁରା ମାରିବା ସହ ଦର୍ଶନ, ରାଜନୀତି, ବନ୍ଦାପନା, ଆଳଟ ଚାମର ସେବା, ପୟାମାଳ ଗ୍ରହଣ ଆଦି ସମ୍ପାଦନ କରିଥାନ୍ତି। ମୁଖ୍ୟ ଶ୍ରୀବିଗ୍ରହଙ୍କ ମଇଲମ ଓ ମାଳଫୁଲ ଲାଗି ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର କମାଣ୍ଡର, ମନ୍ଦିର ପୁଲିସ ତଥା ବରକନ୍ଦାଜ ଶ୍ରୀନଅର ନିକଟକୁ ଯାଇ ଗଜପତି ମହାରାଜାଙ୍କୁ ଛେରା ପହଁରା ସେବା କରିବା ପାଇଁ ଖବର ପଠାଇଥାନ୍ତି। ଏ ଖବର ମିଳିବା ପରେ ଗଜପତି ମହାରାଜ ଧଳା ରଙ୍ଗର ଚୁଡ଼ିଦାର, କୁର୍ତ୍ତା, ପଗଡ଼ି ଓ ଖଣ୍ଡା ପରିଧାନ କରି ରାଜବେଶରେ ଆସନ୍ତି। ପହଁରା ନୀତି ସରିବା ପର୍ଯ୍ୟନ୍ତ ଗଜପତି ମହାରାଜ ଉପବାସ ରୁହନ୍ତି।

ଶ୍ରୀନଅରର ଅଧିଷ୍ଠାତ୍ରୀ ଦେବୀ କନକଦୁର୍ଗାଙ୍କୁ ପ୍ରଣାମ କରି ଶ୍ରୀନଅର ଅଗଣାରେ ରଖାଯାଇଥିବା ହାତୀ ଦାନ୍ତ ଓ ରୂପାରେ ନିର୍ମିତ ତାମଯାନ ବା ମେହେନାରେ ପଟୁଆରରେ ବିଜେ କରି ରଥ ନିକଟକୁ ଆସନ୍ତି। ରାଜାଙ୍କ ସହ ରାଜ ପରିବାର ସଦସ୍ୟ, ରାଜଗୁରୁ, ଲେଙ୍କା, ବେହେରା, ଖୁଣ୍ଟିଆ, ମେକାପ, ଗରାବଡୁ, ଦେଉଳକରଣ ଓ ଶ୍ରୀମନ୍ଦିର ପଦାଧିକାରୀ ରଥ ଉପରକୁ ଉଠିଥାନ୍ତି। ରାଜା କର୍ପୂର ଆଳତୀ କରି ଚାମର ଆଲଟ ସେବା ଦିଅନ୍ତି। ରାଜଗୁରୁ ମୁଦୁଲି ସେବକଙ୍କ ଠାରୁ ସୁନା ଖଡ଼ିଆ ଆଣି ସଂସ୍କାର କରି ଗଜପତିଙ୍କୁ ଦିଅନ୍ତି। ଭଣ୍ଡାର ମେକାପ ରଥ ଚାରିପାଖରେ ଫୁଲ ପକାନ୍ତି, ଗଜପତି ମହାରାଜ ସୁନା ଖଡ଼ିକାରେ ଚାରିପାଖ ପହଁରା ମାରନ୍ତି। ପରେ ଚନ୍ଦନ ପାଣି ରଥ ଚାରିପଟେ ଛିଞ୍ଚି ଥାନ୍ତି। ଶ୍ରୀବଳଭଦ୍ର, ଶ୍ରୀଗନ୍ନାଥ ପରେ ଦେବୀ ସୁଭ୍ରଦାଙ୍କ ରଥରେ ଛେରା ପହଁରା ନୀତି ହୁଏ। ମହାରାଜଙ୍କ ଅନୁପସ୍ଥିତିରେ ମୁଦିରସ୍ତ ସେବକ ଛେରା ପହଁରା ସେବା କରିଥାନ୍ତି। ମହାପ୍ରଭୁଙ୍କ ବର୍ଷ ତମାମ ଯେତେ ନୀତିକାନ୍ତି ସ୍ୱତନ୍ତ୍ର ପୂଜା କାର୍ଯ୍ୟକ୍ରମ ରହିଛି ସବୁ ଭିତରେ ଛେରା ପହଁରା ଅନନ୍ୟ, ଭାବପୂର୍ଣ୍ଣ ପୁଣ୍ୟ ପବିତ୍ର ଦିନ। ବର୍ଷକୁ ଥରୁଟିଏ ପାଇଁ ଭକ୍ତି ଭାବନାର ଯେ କେହି ଟାଣି ହୋଇଯାଆନ୍ତି ପୁରୀ ଶ୍ରୀକ୍ଷେତ୍ର, ପୁଣ୍ୟ ପାବନ କ୍ଷେତ୍ର।

ଦୂରଭାଷ : ୯୪୩୭୦୨୧୬୧୫

# ରଥଯାତ୍ରାରେ ଟାହିଆ ଯୋଗାଏ ମଠ

**ଅଲେଖ ଚନ୍ଦ୍ର ସାମଲ**

ଶ୍ରୀଗୁଣ୍ଡିଚା ଯାତ୍ରାର ମୁଖ୍ୟ ଆକର୍ଷଣ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ। ତିନିରଥର ନିର୍ମାଣଶୈଳୀ ଯେତିକି ଶାସ୍ତ୍ରୀୟତା ଉପରେ ଆଧାରିତ ତତୋଧିକ ପାରମ୍ପରିକତା ଉପରେ ପର୍ଯ୍ୟବସିତ। ରଥ ସଂହିତାରେ ରଥ ନିର୍ମାଣ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣିତ ହୋଇଥିଲେ ମଧ୍ୟ ପୋଥିବିଦ୍ୟା ଅପେକ୍ଷା କାର୍ଯ୍ୟକ୍ଷେତ୍ରରେ ବିଶେଷ ଅନୁଭୂତି ଶିଳ୍ପୀମାନଙ୍କର ପ୍ରକୃତ ପୁଞ୍ଜିରେ କାର୍ଯ୍ୟଦକ୍ଷତା ପ୍ରତିପାଦିତ କରିବା ପାଇଁ ସହାୟ ହୋଇଥାଏ। ରଥ ନିର୍ମାଣର ମାପ ପଦ୍ଧତି, ପ୍ରକ୍ରିୟା ତଥା ଉପାଂଶ ଓ ଉପକରଣ ଗୁଡ଼ିକର ନାମ କରଣ ସବୁଥିରେ ଅନେକ ସ୍ୱତନ୍ତ୍ରତା ରହିଆସିଛି। କହିବା ବାହୁଲ୍ୟ, ତିନିବାଡ଼ର ମୁଖ୍ୟ ମହାରଣା ମାନଙ୍କର ହାତକାଠିର ମାପ ଯାହା ହାତ, ଚାଖଣ୍ଡ, ଆଙ୍ଗୁଳି ଓ ସୂତା ଉପରେ ଆଧାରିତ, ତାର ସହାୟତାରେ ହସ୍ତଶିଳ୍ପର ସର୍ବବୃହତ୍ ନମୁନା ଭାବେ ସାରା ବିଶ୍ୱରେ ପରିଚିତ ପୁରୀ ରଥଯାତ୍ରାର ଏହି ତିନିଗୋଟି ରଥ ପ୍ରସ୍ତୁତ ହୋଇଥାଏ। ଏହି ହାତକାଠିର ଚିହ୍ନିତ ମାପର ରହସ୍ୟ ମହାରଣାମାନଙ୍କର କୌଳିକ ବିଦ୍ୟାର ଗୋପନୀୟତା ବହନ କରେ ଓ ଏହାର ଦୁର୍ବୋଧ ମାପ ପ୍ରଣାଳୀର ଅବଲମ୍ବନରେ ବିଶାଳ ରଥଗୁଡ଼ିକର ନିର୍ମାଲ୍ୟ କାର୍ଯ୍ୟ ସଫଳତାର ସହ ସଂପନ୍ନ ହୋଇଥାଏ।

ରଥଯାତ୍ରାରେ ବିଭିନ୍ନ ନୀତିକାନ୍ତିରେ ମଠମାନଙ୍କର ଭୂମିକା ରହିଛି। ରାଘବ ଦାସ ମଠ ପକ୍ଷରୁ ଅଧିକାଂଶ ନୀତିକାନ୍ତି ସମ୍ପାଦିତ ହେବାର ପରମ୍ପରା ରହିଛି। ରାଘବ ଦାସ ମଠ ପକ୍ଷରୁ ଅଣସର ପିଣ୍ଡି ନିମନ୍ତେ ଏ କାଠର କନକମୁଣ୍ଡି ଓ ପ୍ରଭା ମଠ ତରଫରୁ ଯୋଗାଇ ଦିଆଯାଏ। ଅଣସର ବିଧି ସମୟରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ପଣା ଓ ଚକଟା ଭୋଗ ସମେତ ଖଞ୍ଜା ମୁତାବକ ସାତ ସେର ରାଶି ତେଲ ଯୋଗାଇ ଦିଆଯାଏ। ଖଳିଲାଗି ଏକାଦଶୀ ଦିନ ଶ୍ରୀବିଗ୍ରହଙ୍କ ସର୍ବାଙ୍ଗ ଲାଗି ସାତ କେଜି ଚନ୍ଦନକାଠ, କର୍ପୂର, କେଶର ଓ ଭିତର ପନ୍ତି ଭୋଗ ମଠ ତରଫରୁ ଯୋଗାଇ ଦିଆଯାଏ। ଭାସ୍କର ମିଶ୍ରଙ୍କ ରଚିତ 'ଗୁଣ୍ଡିଚା ଯାତ୍ରା' ପୁସ୍ତକର ତଥ୍ୟ ମୁତାବକ ଶ୍ରୀବିଗ୍ରହଙ୍କ ପାଇଁ ତନ୍ତ ବୁଣା ଲୁଗା ଶ୍ରୀମନ୍ଦିର ଗାରଦରେ ମଠ ତରଫରୁ ଦିଆଯାଏ।

ନବଯୌବନ ଦର୍ଶନ ଦିନ ଅଣସର ତାଟି ଖୋଲିବା ପରେ ମଠର କର୍ମଚାରୀମାନେ ଉକ୍ତ ତାଟିକୁ ପ୍ରାପ୍ୟ ସ୍ୱରୂପ ମଠକୁ ଆଣିଥାଆନ୍ତି। ଶ୍ରୀଗୁଣ୍ଡିଚା ପୂର୍ବଦିନ ମଠ ତରଫରୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ପହଣ୍ଡିରେ ଆବଶ୍ୟକ ଦୁଇଟି ବିଜେ ତୁଳୀ ଦିଆଯାଏ। ସେନାପଟା ଲାଗି ନୀତି ପାଇଁ ମଠ ଶୁକ୍ଳ ସଜ ଯୋଗାଇଥାଏ। ରଥଯାତ୍ରା ଦିନ ମହାପ୍ରଭୁ ରଥକୁ ବିଜେ କରିବା ବେଳେ ଶ୍ରୀମନ୍ଦିରଯର ସାତ ପାହାଚ ଠାରେ ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକରେ ଶୋଭା ପାଉଥିବା 'ଟାହିଆ' ରାଘବ ଦାସ ମଠ ଯୋଗାଇ ଦିଅନ୍ତି।



ଅତୀତରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଥିବା କୂଅ ସଫେଇ କାର୍ଯ୍ୟ ରାଘବଦାସ ମଠ ତରଫରୁ କରଯାଉଥିଲା। ଶ୍ରୀବିଗ୍ରହମାନେ ରଥ ଉପରୁ ଗୁଣ୍ଡିଚା ମନ୍ଦିରର ସିଂହାସନକୁ ବିଜେ କରିବା ସମୟରେ ମଠ ତରଫରୁ ଟାହିଆ ଓ ପନ୍ତି ଭୋଗ କରାଯାଏ। ଗୁଣ୍ଡିଚା ଘର ପକ୍ଷରୁ ହେଉଥିବା ପନ୍ତି ଭୋଗରେ ପିଠା ଏହି ମଠର ଖଞ୍ଜା। ଗୁଣ୍ଡିଚା ମନ୍ଦିର ମଧ୍ୟରେ ଥିବା କୋଠଭୋଗ ରୋଷ ଚୁଲିରେ ପିଠା ତିଆରି ହେବା ପରମ୍ପରା କେବଳ ରାଘବଦାସ ମଠର ରହିଛି।


ବାହୁଡ଼ା ଯାତ୍ରା ଦିନ ସକାଳୁ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଏହି ମଠ ପକ୍ଷରୁ ଖେଚୁଡ଼ି ଭୋଗ ଯୋଗାଇ ଦିଆଯାଏ। ଏହା ବ୍ୟତୀତ ଚାରିଟି ବାହୁଡ଼ା ପନ୍ତି ଭୋଗ ମଧ୍ୟ ମଠ ତରଫରୁ ହୋଇଥାଏ। ରଥ ଉପରେ ଏକାଦଶୀ ଦିନ ଶ୍ରୀବିଗ୍ରହ ମାନଙ୍କ ସୁନାବେଶ ଅବକାଶରେ ମଠ ପକ୍ଷରୁ ପୁରୀ, ସୋଲା ଓ ମହନ ଭୋଗ ଆଦି ଭୋଗ କରାଯାଏ। ଦ୍ୱାଦଶୀ ଦିନ ଠାକୁରମାନଙ୍କ ଉଦ୍ଦେଶ୍ୟରେ ମଠ ତରଫରୁ ତିନି ରଥରେ ତିନି ହାଣ୍ଡି ଅଧରପଣା ଭୋଗ କରାଯାଇଥାଏ।

ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହ ମାନଙ୍କ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ମଠରୁ ଟାହିଆ ଯୋଗାଇ ଦିଆଯାଏ। ଜଗମୋହନରେ ଲକ୍ଷ୍ମୀ ନାରାୟଣ ଗଇଁଠାଳ ଫିଟିବା ସମୟରେ ଭିତରେ ମଠ ପକ୍ଷରୁ ରସଗୋଲା ଭୋଗ କରାଯାଇଥାଏ। ଐତିହାସିକ ରାଜେନ୍ଦ୍ରଲାଲ ମିତ୍ର ତାଙ୍କ ରଚିତ 'ଆଣ୍ଟିକ୍ୟୁଟିକ୍ ଅଫ ଓଡ଼ିଶା' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, ଜଗନ୍ନାଥଙ୍କ ପର୍ବପର୍ବାଣି ଓ ରଥଯାତ୍ରା ବୌଦ୍ଧ ପର୍ବ ପରମ୍ପରାରୁ ଅନୁସୃତ। ରଥଯାତ୍ରା ବୁଦ୍ଧଙ୍କ ଜନ୍ମ ଦିନ ପାଳନର ସ୍ମୃତି ବୋଲି ସେ ମତ ଦେଇଛନ୍ତି।

ନାଟ୍ୟକାର ମୁରାରି ମିଶ୍ରଙ୍କ ଲିଖିତ 'ଅନର୍ଘ ରାଘବ' ନାଟକରେ ବର୍ଣ୍ଣିତ ପୁରୁଷୋତ୍ତମଙ୍କ ଯାତ୍ରା ପ୍ରସଙ୍ଗକୁ ଲକ୍ଷ୍ୟ କରି ରଥଯାତ୍ରା ନବମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା ବୋଲି ଅନେକ ଗବେଷକ ମତ ଦେଇଥାନ୍ତି।

'ରଥାରୂଢ଼ୋ ଗଚ୍ଛନ ପଥି ମିଳିତ ଭୂଦେପଟଳୈ' ଆଦି ଶଙ୍କରାଚାର୍ଯ୍ୟଙ୍କ ଏହି ଶ୍ଳୋକରୁ ରଥଯାତ୍ରାର ପ୍ରାଚୀନତା କଥା ମଧ୍ୟ ଉଠେ। ତେବେ ଡ.ସତ୍ୟନାରାୟଣ ରାଜଗୁରୁଙ୍କ ସମେତ ଆହୁରି ଅନେକ ଗବେଷକ ୧୨୩୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ରଥଯାତ୍ରା ପ୍ରଚଳିତ ନଥିଲା ବୋଲି ମତ ଦେଇ ଯାଇଛନ୍ତି। ଏହାର କାରଣ ଏକାଦଶ ଦ୍ୱାଦଶ ଶତାବ୍ଦୀରେ ସ୍ମୃତିକାର ଶତାନନ୍ଦଙ୍କ ଭାସ୍ୱତୀ ଗ୍ରନ୍ଥ ଓ ଶମ୍ଭୁକର ବାଜପେୟୀଙ୍କ ସ୍ମୃତିଗ୍ରନ୍ଥରେ ରଥଯାତ୍ରାର ବର୍ଣ୍ଣନା ନଥିବା ସେମାନେ ଦର୍ଶାଇଛନ୍ତି। ସେମାନଙ୍କ ମତରେ ୧୨୩୦ ଖ୍ରୀଷ୍ଟାବ୍ଦରେ ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରରେ ତ୍ରିମୂର୍ତ୍ତିଙ୍କୁ ପ୍ରତିଷ୍ଠା କରିଥିଲେ। ପ୍ରଥମ ନରସିଂହ ଦେବଙ୍କ ସମୟରେ ଦାରୁବିଗ୍ରହ ପୂଜା ପାଇଲେ ଓ ସେହିଦିନ ଠାରୁ ରଥଯାତ୍ରା ପ୍ରଚଳିତ ହେଲା। ପୁରୀର ଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହେବାକୁ ଲାଗିଲା।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩



## ସଫଳ ରଥଯାତ୍ରା ପରିଚାଳନା ପାଇଁ ସମୀକ୍ଷା ବୈଠକ

# ସମୟସୂଚୀ ଅନୁସାରେ ସମସ୍ତ କାର୍ଯ୍ୟ ସଂପାଦନ ପାଇଁ ନିଷ୍ପତ୍ତି



ବୌଦ୍ଧ,୧୫।୭(ପ୍ରବାହ ନ୍ୟୁଜ):ବୌଦ୍ଧ ଜିଲ୍ଲା ମୁଖ୍ୟାଳୟସ୍ଥ ପୁରାତନ ଶ୍ରୀଜଗନ୍ନାଥ ମନ୍ଦିରରେ ଆୟୋଜିତ ହେବାକୁ ଥିବା ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଏସ୍.ଡି.ପି.ଓ ଲରେନ୍ସ ରାଉତରାୟ, ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାଶ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀ, ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତ, ବିଭିନ୍ନ ନିଯୋଗର ସେବକ, ମନ୍ଦିର ପରିଚାଳନା କମିଟି ଏବଂ ରଥଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ରହି ରଥଯାତ୍ରାର ସୁପରିଚାଳନା ସମ୍ପର୍କରେ ନିଜ ନିଜର ମତାମତ ଓ ପରାମର୍ଶ ଉପସ୍ଥାପନ କରିଥିଲେ ।ବୈଠକରେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତିକୁ ଶାସ୍ତ୍ରୋକ୍ତ ରୀତିନୀତି ଅନୁଯାୟୀ ସୁରୁଖୁରୁରେ ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ସହ ଭକ୍ତମାନଙ୍କ ସୁବିଧା, ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ, ପରିମଳ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୯ଟା ସୁଦ୍ଧା ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ସମ୍ପନ୍ନ କରାଯିବ । ଅପରାହ୍ନ ୪ଟା ସୁଦ୍ଧା ବିଗ୍ରହମାନଙ୍କ ରଥାରୋହଣ ସମାପ୍ତ ହେବ । ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ଶିଶୁମାନଙ୍କ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାପରେ ସନ୍ଧ୍ୟା ୫ଟାରୁ ରଥଟଣା ଆରମ୍ଭ କରାଯିବ ଏବଂ ରଥକୁ ଶୀଘ୍ର ମାଉସୀମା ମନ୍ଦିରରେ ପହଞ୍ଚାଇବା ପାଇଁ ସମସ୍ତ ବିଭାଗ ଓ ସେବାୟତମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ, ପୁଲିସ ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ସେବାୟତ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ପାରସ୍ପରିକ ସମନ୍ୱୟ ରକ୍ଷା କରି ନିଜ ନିଜ ଦାୟିତ୍ୱ ନିଷ୍ଠାର ସହ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ ।

# ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ଘଟଣାରେ ସାମ୍ବାଦିକ ସମ୍ମିଳନୀ

କଟକ ,୧୫।୭(ପ୍ରବାହ ନ୍ୟୁଜ): ଅଯୋଧ୍ୟା ରାମ ମନ୍ଦିରକୁ ଆସୁଥିବା ବିପୁଳ ଦାନରାଶିର ଚୋରୀ ଆସ୍ଥା ନାମରେ ରାଜନୀତି ଓ ଭେଟି ନାମରେ ଲୁଟ୍ ବୋଲି କଂଗ୍ରେସ ଅଭିହିତ କରିଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ନଗର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧୀ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଦଳ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦାୟିତ୍ୱହୀନତା,ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନ କରାଯାଇଛି ।ନ୍ୟାୟ ଓ ନୈତିକ ଆଚରଣର ପ୍ରତୀକ ମର୍ଯ୍ୟାଦା ପୁରୁଷୋତ୍ତମ ରାମ,କୋଟି କୋଟି ଭାରତୀୟଙ୍କ ଆସ୍ଥା,ସଂସ୍କୃତି ଏବଂ ନୈତିକ ଚେତନାର ପ୍ରତିନିଧିତ୍ୱ କରନ୍ତି ।ପ୍ରାୟ ତିନି ଦଶନ୍ଧୀ ଧରି ବିଜେପି,ଆର ଏସ ଏସ,ବିଶ୍ୱହିନ୍ଦୁ ପରିଷଦ ଏବଂ ଅନ୍ୟାନ୍ୟ ସଂଘ ପରିବାର ସଂଗଠନ ଗୁଡ଼ିକ ଭଗବାନ ରାମଙ୍କ ନାମରେ ଚାନ୍ଦା ସଂଗ୍ରହ କରିଥିଲେ ।ଏହି ଆନ୍ଦୋଳନ ଉପରେ ସେମାନଙ୍କର ରାଜନୈତିକ ଭାଗ୍ୟ ଗଢ଼ିଥିଲେ ।ଆଜି ଭଗବାନ ରାମଙ୍କ ନାମରେ ଦିଆଯାଇଥିବା ଦାନ ଏବଂ ଭେଟିକୁ କିଏ କିପରି ଓ କାହା ସୁରକ୍ଷା ବଳୟ ଭିତରେ ଲୁଟ୍ କଲା ତାହାହିଁ ବଡ଼ ପ୍ରଶ୍ନ ।ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ ।ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା,ବିଶ୍ୱାସ ଓ ଭାବନା ପ୍ରତି ଏକ ଗୁରୁତର ବିଶ୍ୱାସ ଘାତକତା ।ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରଷ୍ଟ ଗଠନ,ଶୀର୍ଷ ନିଯୁକ୍ତି ପ୍ରକ୍ରିୟା ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସକ୍ରିୟ ଭୂମିକା ଗ୍ରହଣ କରିଥିବାରୁ କେନ୍ଦ୍ରସରକାର ନିଜକୁ ଏହି ଦାୟିତ୍ୱରୁ ଅଲଗା କରି ପାରିବେନି ବୋଲି କଂଗ୍ରେସ ଅଭିଯୋଗ କରିଛି ।ଘଟଣା ଉପରେ ପ୍ରଧାନମନ୍ତ୍ରୀଙ୍କ ନୀରବତା, ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ,ଟ୍ରଷ୍ଟି ଅନିଲ ମିଶ୍ର, ଇସ୍ତଫା, ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଗୋପାଳ ରାଓଙ୍କୁ ପଦରୁ ହଟାଇବା କେବଳ ଧର୍ମକୁ ଆଖି ଠାର ସଦୃଶ ବୋଲି ମତବ୍ୟକ୍ତ କରିବା ସହ ନେତୃମଣ୍ଡଳୀ ଦୁର୍ନୀତିରେ ସଂପୃକ୍ତ ଥିବା ସମସ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ଏଫ୍ ଆଇ ଆର କରାଯାଇ ସେମାନଙ୍କୁ ଗିରଫ କରିବା,ମାନ୍ୟବର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନ ନ୍ୟାୟିକ ତଦନ୍ତ କରାଯିବା,ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ତୁରନ୍ତ ଭଙ୍ଗାଯାଇ ଧାର୍ମିକ ନେତା ଓ ଗୁରୁ, ବିଶିଷ୍ଟ ନାଗରିକ, ପ୍ରଶାସନିକ ବିଶେଷଜ୍ଞ ଏବଂ ସ୍ୱାଧୀନ ସଦସ୍ୟ ମାନଙ୍କୁ ଏଥିରେ ସାମିଲ କରାଯିବା,ଦାନ ଓ ଭେଟିର ସଂପୂର୍ଣ୍ଣ ଫ୍ଲୋରେନ୍ସିକ ଅଡିଟ୍ କରି ରିପୋର୍ଟ ସାର୍ବଜନୀନ କରାଯିବା,ସର୍ବୋପରି ଦେଶର ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଦେଶବାସୀଙ୍କୁ ଜବାବ ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି । କଟକ ନଗର ଜିଲ୍ଲା କଂଗ୍ରେସ କମିଟି ର ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରେସ ବାର୍ତ୍ତା କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ,ଦିଲ୍ଲୀପ ମହାନ୍ତି, ନଗର ଯୁବ କଂଗ୍ରେସ ର ସଭାପତି ବିପ୍ଳବ ଶିଳାଦିତ୍ୟ,ପୂର୍ବତନ ମୁଖପାତ୍ର ମାନସ ପରିଡ଼ା,କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ,ହିମାଂଶୁ ରାଉତ୍, ନିର୍ମଳ ସ୍ୱାଇଁ, ଅଶୋକ ନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଜଗନ୍ନାଥ ସାହୁ,ଜ୍ଞାନେଶ୍ୱ ନାୟକ, ଜଗନ୍ନାଥ ପଟ୍ଟନାୟକ,ଜୟ ନାରାୟଣ ତ୍ରୀପାଠୀ ଓ ଲକ୍ଷ୍ମୀଧର ଶରଣ ପ୍ରମୁଖ ଉପସ୍ଥିତ ଥିଲେ ।



## ଖଳିଆପାଲି ଛକ ନିକଟରୁ ଦେଶୀ ପିସ୍ତଲ୍ ସହ ଯୁବକ ଗିରଫ

ବୌଦ୍ଧ,୧୫।୭(ପ୍ରବାହ ନ୍ୟୁଜ): ବୌଦ୍ଧ ଥାନା ପୋଲିସ ପକ୍ଷରୁ ପେଟ୍ରୋଲିଂ ଓ ଯାନବାହନ ଯାଞ୍ଚ ସମୟରେ ଏକ ଦେଶୀ ପିସ୍ତଲ୍ ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ଅନ୍ତର୍ଗତ ଖଳିଆପାଲି ଛକ ନିକଟରେ ପାଟ୍ରୋଲିଂ ବେଳେ ଏକ ହିରୋ ଐଋ ଉରକ୍ଷଙ୍କଙ୍ଘର ମୋଟର ସାଇକେଲ (ନଂ- ଙଉ-୩୧ଋ-୭୦୨୦) ରେ ଯାଉଥିବା ବ୍ୟକ୍ତି ପୋଲିସ ଗାଡ଼ିକୁ ଦେଖି ସନ୍ଦେହଜନକ ଭାବେ ପଳାଇବାକୁ ଉଦ୍ୟମ କରିଥିଲେ । ପୋଲିସ ତାଙ୍କୁ ଅଟକାଇ ବ୍ୟକ୍ତିଗତ ତଲାସୀ କରିବାରୁ ତାଙ୍କ ନିକଟରୁ ଏକ ଦେଶୀ ତିଆରି ପିସ୍ତଲ ଜବତ କରାଯାଇଥିଲା । ଧରାପଡ଼ିଥିବା ବ୍ୟକ୍ତି ଯଶବନ୍ତ କହଁର (୨୪), ପିତା- ଜଗବନ୍ଧୁ କହଁର, ଗ୍ରାମ- ବାରେଣୀ, ଥାନା- କିଆକଟା, ଜିଲ୍ଲା- ଅନୁଗୁଳ ବୋଲି ବୌଦ୍ଧ ଆଦର୍ଶ ଥାନା ଆଇ ଆଇ ସି ନଳିନୀ କାନ୍ତ ଦାସ ସୂଚନା ଦେଇଛନ୍ତି ।

## ଜିଲ୍ଲା ପରିଷଦର ୭୬ତମ ସାଧାରଣ ବୈଠକ

# କୃଷି, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ




ମାଲକାନଗିରି,୧୫।୭(ପ୍ରବାହ ନ୍ୟୁଜ): ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଜିଲ୍ଲା ପରିଷଦର ୭୬ତମ ସାଧାରଣ ବୈଠକ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଚାଷୀ ପଞ୍ଜୀକରଣ, ଜୈବିକ କୃଷିର ପ୍ରସାର, ସାର ଉପଲବ୍ଧତା, ପାନୀୟ ଜଳ ପ୍ରକଳ୍ପ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଭିତ୍ତିଭୂମି ଓ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଚିତ୍ରକୋଣ୍ଡା ଅଞ୍ଚଳରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ସହ ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସଚେତନତା ବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାପାଳ ସମସ୍ତ ବିଭାଗକୁ ଜନପ୍ରତିନିଧିଙ୍କ ଉଠାଇଥିବା ସମସ୍ୟାର ଶୀଘ୍ର ସମାଧାନ, ଟେଣ୍ଡର ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଏବଂ ରାସ୍ତା, ପାନୀୟ ଜଳ ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟସୀମାରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିକାଶମୂଳକ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ସମନ୍ୱୟ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଚୋରା ମଦ ଜବତ ୫ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା, ୧୫/୦୭(ପ୍ରବାହ ନ୍ୟୁଜ )କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ନିକିରାଇ, ତନ୍ତିଆପାଳ ମେରାଇନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ବଳଗଣ୍ଡି ଗ୍ରାମର କଳ୍ପନା ସାହୁ (ବୟସ ୪୧ ବର୍ଷ) ଙ୍କ ଠାରୁ ୧୦ ଲିଟର ଦେଶୀ ରନ୍ଧା ମଦ, ପଳସିଂଘା ଗ୍ରାମର ସଞ୍ଜୟ ବାରିକ (ବୟସ ୪୬ ବର୍ଷ ) ଙ୍କ ଠାରୁ ୪୧ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ସେହିପରି ଜଗତ ଜୋରା ଗ୍ରାମର ସୁଶାନ୍ତ ଅବାକ (ବୟସ ୪୩ ବର୍ଷ) ଙ୍କ ନିକଟରୁ ୩୬ ଲିଟର ବିଦେଶୀ ମଦ ଓ ଜ୍ୟୋସ୍ନା ପଲ (ବୟସ ୩୬ ବର୍ଷ) ଙ୍କ ଠତୁ ୩୧ ଲିଟର ବିଦେଶୀ ମଦ, ଶ୍ୟାମସୁନ୍ଦର ପୁର ଗ୍ରାମର କୃଷ୍ଣ ଚନ୍ଦ୍ର ନାୟକ (ବୟସ ୪୧ ବର୍ଷ) ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୧୪୯ ଲିଟର ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ଶାସ୍ତ୍ରୀ ନଗର ଦୁର୍ଘଟଣାରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ,୧୫।୭(ପ୍ରବାହ ନ୍ୟୁଜ): ଶାସ୍ତ୍ରୀ ନଗର ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଡ୍ରାଇଭର ସୌମ୍ୟ ରଞ୍ଜନ ରଥ ଗିରଫ ହୋଇଛନ୍ତି । ଏନେଇ ଭୁବନେଶ୍ୱର ଜୋନ-୧ ଏସିପି ରମେଶ ବିଷୋୟୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ସୌମ୍ୟ ରଞ୍ଜନ ଜଣେ ଆଇନ ଛାତ୍ର । ସେ ମଦ ପିଇ ଗାଡ଼ି ଚଳାଉଥିଲେ । ରାସ୍ ଡ୍ରାଇଭିଂ ଓ ଡ୍ରଙ୍କନ ଡ୍ରାଇଭ୍ ମାମଲାରେ ତାଙ୍କୁ ଗିରଫ କରାଯାଇଛି । ବ୍ରେଥ ଆନାଲାଇଜର ଚେକ୍ ବେଳେ ଏହା ସ୍ପଷ୍ଟ ହୋଇ ସାରିଛି । କଲ୍‌ପବୁଲ ହୋମିସାଇଡ୍ ଦଫାରେ ଗିରଫ କରାଯାଇଛି । ବିଏନଏସ୍ ୧୦୫ ଧାରାରେ ମାମଲା ରୁଜୁ କରାଯାଇଛି । ଏହି ଧାରାରେ ଅତିକମ୍ ରେ ୫ ବର୍ଷରୁ ଆଜୀବନ ସଜା ପର୍ଯ୍ୟନ୍ତ ଦଣ୍ଡବିଧାନ ହୋଇପାରେ ।

# କଟକରେ ଲୋକାର୍ପିତ ହେଲା ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର



କଟକ, ,୧୫।୭(ପ୍ରବାହ ନ୍ୟୁଜ): ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଶୁଭ ଉଦଘାଟନ କରିଥିଲେ । ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତି କରିଥିଲେ ମନ୍ତ୍ରୀ ଡା. ମହାପାତ୍ର । ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଆମେ ସୁବବେଳେ ବିକାଶର ରାସ୍ତାରେ ଯିବାକୁ ଚେଷ୍ଟା କରୁଛୁ । ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ । କଟକ ସହର ପାଇଁ ଯାହା ଆବଶ୍ୟକ ଥିବ ତାହାକୁ ଆମେ ପ୍ରାଥମିକତା ଭିତ୍ତିରେ ପୂରଣ କରିବୁ ବୋଲି ଆଶ୍ୱାସନା ଦେଇଥିଲେ ମୁଖ୍ୟଅତିଥି । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ । ଜ୍ଞାନର ଦୀପ ଜଳିଲେ, ପ୍ରଗତିର ପଥ ଆପେ ଆପେ ଆଲୋକିତ ହୁଏ ତେଣୁ ପୁସ୍ତକ ସହ ବନ୍ଧୁତା ହିଁ ଜୀବନର ସର୍ବଶ୍ରେଷ୍ଠ ବିନିଯୋଗ ବୋଲି ଅତିଥିମାନେ ମତବ୍ୟକ୍ତି କରିଥିଲେ । କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ପ୍ରମୁଖ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମର ଉଦଘାଟନ କରାଯାଇଥିଲା । ପାଠାଗାର ଉଦଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି । କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଥିଲା । ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମାନ୍ୟବର ମନ୍ତ୍ରୀ ଏହାକୁ ଭରଚୁଆଲି ଶୁଭାରମ୍ଭ କରିଥିଲେ । ଏହି ଅତ୍ୟାଧୁନିକ କେନ୍ଦ୍ରୀୟ ପାଠାଗାର କଟକ ସହର ସହିତ ସମଗ୍ର ରାଜ୍ୟର ଗବେଷକ, ଛାତ୍ରଛାତ୍ରୀ ଓ ପାଠକପାଠିକାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ସାବ୍ୟସ୍ତ ହେବା ସହ ଜ୍ଞାନ, ଗବେଷଣା ଓ ବୌଦ୍ଧିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି କହିଥିଲେ କଟକ ମହାନଗର ନିଗନର କମିଶନର ସୁଶ୍ରୀ କୀରଣଦୀପ କୌର ସହୋତା ଏବଂ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ ।

ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି । ଏହାସହିତ ପୁରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି । ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିଛି । ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର । ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛନ୍ତି । ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟର ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି । ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪୭ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ୍ୟ ଏଥିରେ ଉପଲବ୍ଧ ରହିଛି । ଆଜିର କାର୍ଯ୍ୟକ୍ରମରେ କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭାଲୁଖାଇ ଜଗନ୍ନାଥ ମନ୍ଦିର ଶ୍ରୀ ଗୁଣ୍ଡିଚା ରଥ ଯାତ୍ରା, ବିଧାୟକ କରିବେ ଛେରା ପହଁରା

ଧର୍ମଶାଳା,୧୫। ୭(ପ୍ରବାହ ନ୍ୟୁଜ): ଧର୍ମଶାଳା ବ୍ଲକ କୁମାରୀ, ଦେଉଳୀ ଓ ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ମହା ଆଡମ୍ବର ସହକାରେ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି । ଚଳିତ ବର୍ଷ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଠାକୁର ରାଜା ଭାବେ ରଥରେ ଛେରାପହଁରା କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି । ଏନେଇ ଆଜି ମନ୍ଦିର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୧୬ ତାରିଖ ଗୁରୁବାର ଦିନ ସାରା ରାଜ୍ୟରେ ଜଗନ୍ନାଥଙ୍କ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ମଧ୍ୟ ଏହି ନିଆରା ରଥଯାତ୍ରା ଅନୁଷ୍ଠିତ ହେବ । ଆଜି ଠାରୁ ଠାକୁରଙ୍କ ସେବାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିଧାୟକ ଶ୍ରୀ ସାହୁ ଆଜି ମନ୍ଦିରକୁ ଆସି ଠାକୁରଙ୍କ ନବଯୌବନ ଦର୍ଶନ କରିବା ସହ ଭକ୍ତମାନଙ୍କ ସହ ଅଲୋଚନା କରିଥିଲେ । ଏହି ମହାନ ପରମ୍ପରା ଭାଲୁଖାଇ ଅଂଚଳରେ ବିଗତ ୩୪ ବର୍ଷ ହେଲା ହୋଇଆସୁଥିବା ବେଳେ ୨୦୧୫ ମସିହାରେ ତତକାଳିନ ଧର୍ମଶାଳା ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କ ପକ୍ଷରୁ ଏହାକୁ ଅଧିକ ସମ୍ପ୍ରସାରିତ କରାଯାଇ ବିଗତ ୧୨ ବର୍ଷ ହେଲା ଭାଲୁଖାଇ ମନ୍ଦିର ଠାରୁ ଧର୍ମଶାଳା ହାଟ ପଡିଆସ୍ଥିତ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥ ଟଣା ଆରମ୍ଭ କରାଯାଇଥିଲା । ଏହି ରଥ ଯାତ୍ରାରେ ପୂର୍ବରୁ ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ଠାକୁର ରଥାରୁଢ ହୋଇ ଗାଁ ଶେଷ ମୁଣ୍ଡରେ ଯାଏଁ ଯାଇ ମାଉସିମା ମନ୍ଦିରରେ ରହୁଥିଲେ । ହେଲେ ୨୦୧୫ ମସିହା ଠାରୁ ଏହାକୁ ଅଧିକ ସମ୍ପ୍ରଶାରିତ କରାଯାଇ ଶ୍ରୀ ଗୁଣ୍ଡିଚାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରୁ ରଥ ବାହାରି ୧୬ ନଂ ଜାତୀୟ ରାଜପଥ ଜାରକା, ବୁଦ୍ଧ ଛକ ଓ ଜଗନ୍ନାଥ ସଡକର ଶନ୍ତିବଜାର, ଧର୍ମଶାଳା ବଜାର ଦେଇ ହାଟପଡିଆସ୍ଥିତ ମାଉସୀମା ମନ୍ଦିରକୁ ଠାକୁର ଆସିଥାନ୍ତି । ରଥଯାତ୍ରାରେ ବିଗତ ୨୦୧୫ ମସିହା ଠାରୁ ପ୍ରତ୍ୟେକ ବର୍ଷ ଥାନା ଅଧିକାରୀ ଛେରା ପହଁରା କରିବାର ନିୟମ ରହିଥିଲା । ତେବେ ଚଳିତ ଥର ଏହି ନିୟମକୁ ପରିବର୍ତନ କରାଯାଇ ସ୍ଥାନୀୟ ବିଧାୟକ ଛେରା ପହଁରା କରିବାକୁ କମିଟି ପକ୍ଷରୁ ନିୟମ କରାଯାଇଛି । ଏହି ରଥଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ଜଗନ୍ନାଥ ମନ୍ଦିର କମିଟି ଓ ମୁନସୀ ମେଲଣ କମିଟି ଉଭୟ ଦାୟିତ୍ୱ ତୁଲାଉଥିବା ଜଣାପଡିଛି । ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ଆଜି ଭାଲୁଖାଇ ମନ୍ଦିର ପରିସରରେ ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ଇଂ. କଳ୍ପତରୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ଦିର କମିଟିର ସମ୍ପାଦକ ମନୋଜ କୁମାର ରଣା, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ ଓ ମୁନସୀ ମେଲଣ କମିଟିର ସମ୍ପାଦକ ପ୍ରମୋଦ କୁମାର ଦାସ ଓ କୋଷାଧ୍ୟକ୍ଷ ମନୋଜ କୁମାର ରାଉଳ ପ୍ରମୁଖ ରହି ସାମ୍ବାଦିକ ମାନଙ୍କୁ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ରଥଯାତ୍ରା ପାଇଁ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ,ପୁଲିସ ବିଭାଗ, ଜଳପରିମଳ ବିଭାଗ ସମେତ ସମସ୍ତ ଲାଇନ ବଭାଗ ଉପସ୍ଥିତ ରହିବାକୁ କମିଟି ପକ୍ଷରୁ ଚିଠି ମାଧ୍ୟମରେ ନିମନ୍ତ୍ରଣ କରାଯାଇଛି । ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ଶରସ ସୁନ୍ଦର କରିବା ଲାଗି ଗୋଟିପୁଅ ନୃତ୍ୟ, ଘୋଡାନାଚ, କେନ୍ଦରା ବାଦନ, ଓଡିଶୀ ନୃତ୍ୟ, ଭଜନ ସମାରୋହର ବ୍ୟବସ୍ଥା କରାଯାଇଛି । ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ଝୋଟି ଏବଂ ମୁରୁଜ ପକାଇ ରଥାରୁଢ ଠାକୁରଙ୍କୁ ସ୍ୱାଗତ କରିବା ଲାଗି ବ୍ୟବସ୍ଥା କରାଯାଇଛି । ରଥ ଟଣା ସମୟରେ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାନୀୟ ଜଳ, ଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ପକ୍ଷରୁ କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ଶ୍ରୀନିବାସ ଜେନା, ଅଜାମ୍ବର ସାହୁ, ଚିରରଞ୍ଜନ ଦାସ, ବାବୁଲି ଶର, ସୁନିଲ ରାଉତରାୟ, ଅଖିଳ କୁମାର ସ୍ୱାଇଁ ,ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, କାଶୀନାଥ ସାହୁ ସମେତ ମୁନସୀ ମେଲଣ କମିଟି ପକ୍ଷରୁ ଗଗନ ବରାଳ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରମଣି ପଣ୍ଡିତ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ କୁମାର ସାହୁ,ସୂଜିତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ବିଳମ୍ବିତ ରାତିରେ ଦୋକାନ ଘରେ ନିଆଁ ଲଗେଇବା ଘଟଣାରେ ଥାନାରେ ଅଭିଯୋଗ

ବାଙ୍କୀ, ୧୫।୭(ପ୍ରବାହ ନ୍ୟୁଜ): ବାଙ୍କୀ ଥାନା ଅନ୍ତର୍ଗତ ବେଦପୁର ଗ୍ରାମରେ ମଙ୍ଗଳ ବାର ଦିନ ବିଳମ୍ବିତ ରାତିରେ ସୋମନାଥ ପଣ୍ଡା ଙ୍କ ପରିବାର ଶୋଇଥିଲା ବେଳେ ଏକ ଶବ୍ଦ ଶୁଣିଥିଲ । ପରିବାର ଲୋକ ଉଠି ଦେଖିଲାବେଳକୁ ତାଙ୍କ ଦୋକାନ ଘର ନିଆଁ ଲାଗି ହୁତୁ ହୁତୁ ଜଳୁଛି । ଏଭଳି ଘଟଣା ଦେଖି ଅଗ୍ନିଶମ ବିଭାଗ ଖବର ପାଇବା ପରେ ସ୍ଥାନୀୟ ଲୋକ ଓ ଅଗ୍ନିଶ୍ରମ ବାହିନୀ ଦ୍ୱାରା ନିଆଁ କୁ ଆୟତ୍ତ କରାଯାଇଥିଲା । ବୁଧବାର ଦିନ ସୋମନାଥ ନିଆଁ ଲଗାଇବା ଘଟଣାର ସେହି ଗ୍ରାମର ସିଦ୍ଧାର୍ଥ ମଲିକ୍ ଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ସୋମନାଥ ଓ ସିଦ୍ଧାର୍ଥ ଙ୍କ ମଧ୍ୟରେ ବଚସା ହୋଇଥିବା ବେଳେ ସୋମନାଥ ଲୁହା ହାତୁଡ଼ିରେ ସିଦ୍ଧାର୍ଥ ଙ୍କ ମୁଣ୍ଡକୁ ମରଣାତ୍ମକ ଆକ୍ରମଣ କରିଥିଲେ ଫଳରେ ରକ୍ତ ଅବସ୍ଥାରେ ସିଦ୍ଧାର୍ଥ ବାଙ୍କୀ ମେଡିକାଲ ରେ ଭର୍ତ୍ତି ହୋଇଥିଲେ । ସିଦ୍ଧାର୍ଥ ସୋମନାଥ ଙ୍କ ନାମରେ ପାଲଟା ଅଭିଯୋଗ ଥାନାରେ ଏତଲା ଦେଇଥିଲେ । ଅନ୍ୟପଟେ ଦୋକାନ ଘର ପୋଡ଼ି ନ୍ୟାୟ ଦାବିରେ ସୋମନାଥ ଙ୍କ ପରିବାର ବାଙ୍କୀ କଟକ ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାଜରାସ୍ତା ଅବରୋଧ କରିଥିଲେ ଓ କିଛି ସମୟ ପାଇ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଖବର ପାଇ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣା ସ୍ଥଳରେ ପହଂଚି ସୋମନାଥ ଙ୍କ ପରିବାର କୁ ବୁଝାସୁଝା କରିବାରୁ ରାସ୍ତା ରୋକ ହଟିବା ପରେ ଯାତାୟାତ ସଚଳ ହୋଇଥିଲା । ବାଙ୍କୀ ଥାନା କେଶ ନଂ ୩୭୬/୨୬ ଏବଂ ୩୭୭/୨୬ ରେ ଉଭୟଙ୍କ ପକ୍ଷରୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଆଇ ଆଇ ସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି ।



# ଖୋର୍ଦ୍ଧା ପ୍ରିମିୟର ଲିଗ ଇଗଲ ଇଂଭିନ୍ସିବିଲକୁ ହରାଇ ଜଟଣୀ ଆନ ଇଣ୍ଡିଆନ ଚମ୍ପିୟାନ

ଖୋର୍ଦ୍ଧା, ,୧୫।୭(ପ୍ରବାହ ନ୍ୟୁଜ): ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମ ଠାର ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ର ଫାଇନାଲ ମ୍ୟାଚ ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଇଗଲ ଇଂଭିନ୍ସିବିଲ ଖୋର୍ଦ୍ଧା କୁ ୭ ରନ ରେ ପରାସ୍ତ କରି ଚମ୍ପିୟାନ ହୋଇଛନ୍ତି । ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ୫ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ରଂଜିତ ପାଇକରାୟ ସର୍ବାଧିକ ୬୨ ରନ ଓ ରଶ୍ମୀକାନ୍ତ ଦାସ ୩୬ ରନ କରିଥିଲେ । ଜବାବରେ ଖୋର୍ଦ୍ଧା ଇଗଲ ଦଳ ୧୦ ଓଭର ୫ୱିକେଟ ହରାଇ ୧୨୮ ରନ ରେ ସୀମିତ ରହିଥିଲେ ।ଇଗଲ ଦଳ ତରଫରୁ ରାକେଶ ପଟ୍ଟନାୟକ ସର୍ବାଧିକ ୮୩ ରନ କରିଥିଲେ । ଶ୍ରେଷ୍ଠ ଖେଳାଳୀ ଭାବେ ରଂଜିତ ପାଇକରାୟ ଙ୍କୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ସୁମିତ ମହାରଣା ପୁରସ୍କୃତ ହୋଇଥିଲେ ।ମୁଖ୍ୟ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଜାତୀୟ ମହିଳା ଖେଳାଳୀ ମାଧୁରୀ ମେହେତା, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ପୌରାଧକ୍ଷ ସଂଯୁକ୍ତା ସାହୁ,୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ରନର୍ସ ଅପ ହୋଇଥିବା ଇଗଲ ଦଳ କୁ ୪୦୦୦୦ ଟଙ୍କା ଓ ଟ୍ରଫି ଏବଂ ଚମ୍ପିୟାନ ହୋଇଥିବା ଜଟଣୀ ଦଳ କୁ ୬୦୦୦୦ ଟଙ୍କା ଶହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ ।ପୂର୍ବରୁ ଓଡିଶା ଆନ୍ତଃ ଜିଲ୍ଲା ଟୁର୍ନାମେଂଟରେ ଖୋର୍ଦ୍ଧା ୧୬ ବର୍ଷରୁ କମ କ୍ରିକେଟ ରେ ଉପବିଜେତା ହୋଇଥିବାରୁ ସବୁ ଖେଳାଳୀ ଙ୍କୁ ପୁରସ୍କୃତ କରାଯାଇଥିବାବେଳେ ୫ ଜଣ ମହିଳା କ୍ରିକେଟର ଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଦିବ୍ୟାନ୍ସୀ ପଣ୍ଡା ଓ ସି ଏ ସେଂଟ୍ରାଲ ଏକାଡେମୀ ରେ ସ୍ଥାନ ପାଇଥିବାରୁ ସମ୍ମାନିତ ହୋଇଥିଲେ । ଖେଳ କୁ ପ୍ରୀତିରଞ୍ଜନ ବିଜୟସିଂ, ଚନ୍ଦ୍ରମୋହନ ବରାଳ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କୋରର ଥିଲେ । ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଂଚି ନାରାୟଣ ଜେନା, କାଜଲ ବଳିୟାରସିଂ, ବ୍ରିଜେଶ ପ୍ରଧାନ, ସୁଧୀର କୁମାର ସାହୁ,ସରୋଜ ପାତ୍ର ପ୍ରମୁଖ ମ୍ୟାଚ ର ସଂଯୋଜନା କରିଥିଲେ ।

# ବୌଦ୍ଧରେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶିକ୍ଷାବଞ୍ଚାଅ ଅଭିଯାନ

ବୌଦ୍ଧ, ୧୫।୭(ପ୍ରବାହ ନ୍ୟୁଜ): ସମ୍ପ୍ରତି ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଦେଖାଯାଇଥିବା ଅରାଜକତା ଓ ବହି ମୁଦ୍ରଣରେ ଦେଖାଯାଇଥିବା ବିଭ୍ରାଟ ଅବସରରେ ବିଜୁ ଯୁବ -ଛାତ୍ର ଜନତା ଦଳ ପକ୍ଷରୁ ଚଳିତ ଜୁଲାଇ ୯ରୁ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଶିକ୍ଷାବଞ୍ଚାଅ ଅଭିଯାନ ଡାକରା ଚାଲିଥିବା ବେଳେ ଆଜି ବୌଦ୍ଧ ଜିଲ୍ଲାରେ ବିଜୁ ଯୁବ -ଛାତ୍ର ଜନତାଦଳ ପକ୍ଷରୁ ମର୍ଯ୍ୟାକୁଦ ବ୍ରିଜ ଛକ ନିକଟରେ ଏକ ପ୍ରତିବାଦ ସଭା ଜିଲ୍ଲା ଯୁବ ବିଜେଡି ସଭାପତି ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀତଥା ପୂର୍ବତନ ବାଚସ୍ପତି ପ୍ରଦୀପ କୁମାର ଅମାତଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ କନ୍ଧମାଳ ବିଧାୟକ ମହୀଧର ରଣା, ରାଜ୍ୟ ସମ୍ପାଦକ ଅଶୋକ କୁମାର ସାହୁ,ମହିଳା ବିଜେଡି ସଭାନେତ୍ରୀ ଦିପ୍ତୀପ୍ରଭା ସ୍ୱାଇଁ, ପୂର୍ବତନ ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ର, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଅବକାଶ ସାହୁ , ପୌର ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ଯୁବ ବିଜେଡ଼ି ରାଜ୍ୟ ଉପସଭାପତି ଆଶିଷ କୁମାର ସାହୁ,ଯୁବ ବିଜେଡ଼ି ରାଜ୍ୟ ଉପସଭାପତି ସତ୍ୟଜିତ ପଟ୍ଟନାୟକ,ଯୁବ ବିଜେଡ଼ି ରାଜ୍ୟ ଉପସଭାପତି ସଂଜିତ୍ ମହାନ୍ତି,ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ଦାସ, ଅନିକେତ ଦାନୀ, ବିଜେଡି ନେତା ରମାକାନ୍ତ ସାହୁ, ରାଧାବଲ୍ଲବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପରେ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ସହିତ ତୁରନ୍ତ ଭୁଲବହି ପ୍ରତ୍ୟାହାର ଓ ଅନ୍ୟାନ୍ୟ ଦାବୀ ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଥିଲା




# ୩ଶହ ବଟବୃକ୍ଷ ଉପହାର ମିଶନରେ ଆଦର୍ଶ ଯୁବପରିଷଦ

ବାଙ୍କୀ,,୧୫।୭(ପ୍ରବାହ ନ୍ୟୁଜ): ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ଚକାପଦା ଗ୍ରାମର ଅଗ୍ରଣୀ ଯୁଥ୍ କ୍ଲବ ଆଦର୍ଶ ଯୁବପରିଷଦ ଗତ ଦୁଇବର୍ଷ ଧରି ଏକ ନୂତନ ଚିନ୍ତାଧାରା ନେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ବ୍ୟାପକ କରିଚାଲିଛି । ଏହି ପରିପ୍ରେକ୍ଷୀରେ ଗତ ୧୦ବର୍ଷ ଧରି ଅନେକ ଜନହିତକର କାମକୁ ତ୍ୱରାନ୍ୱିତ କରିବାରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକାରେ ରହିଛି । ଗତବର୍ଷ ବର, ଓସ୍ତ, ଜାମୁ, ବଉଳ, ଅଶୋକ , ନିମ୍ବ ବୃକ୍ଷ ପ୍ରଭତି ବାଙ୍କୀର ବାଘଖିଆ ନାଳ, ଚକାପଦା, ବ୍ରହ୍ମପୁରା, ଅରପୁର, ଶିଶୁଆ, ପାଥପୁର, ଭଗିପୁର ଓ କୁଶୁପଙ୍ଗି ଆଦି ସ୍ଥାନରେ ରୋପଣ କରାଯାଇଥିଲା । ଏଥି ସହିତ ଶିମିଳିପୁର-ହରିରାଜପୁର ଆଞ୍ଚଳିକ ବିଦ୍ୟାପୀଠ ଓ ଇନ୍ଦିରାପ୍ରିୟଦର୍ଶନୀ ଆଦିବାସୀ ଉଚ୍ଚବିଦ୍ୟାଳୟ ସାମନ୍ତରାପୁର ଠାରେ ପରିଷଦ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା । ଚଳିତ ବର୍ଷ ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗି ଗ୍ରା.ପ. ଅଧିନସ୍ଥ କୁଶୁପଙ୍ଗି ଓ ଡମପଡ଼ା ମୁଖ୍ୟରାସ୍ତାର ଅନାହତ ଗୁମ୍ଫାର ପାଦଦେଶରେ ଓ ରଘୁନାଥ କ୍ଲବ ଗୋଡିପାଟଣା , ମା'ଚର୍ଚ୍ଚିକା ଯୁଥ୍ କ୍ଲବ ଚର୍ଚ୍ଚିକା ଓ ଅରପୁର ଠାରେ ମିଳିତ ସହଯୋଗରେ ବଟବୃକ୍ଷ ରୋପଣ କରାଯାଇଛି । ବାଙ୍କୀର ବିଭିନ୍ନ ଗ୍ରାମରୁ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ଯୁଥ୍ କ୍ଲବକୁ ନେଇ ଆଗାମୀ ଦିନରେ ୩୦୦ ବଟବୃକ୍ଷ , ୧୦୦ ଓସ୍ତ ଓ ୩୦୦ ନିମ ଗଛ ସହିତ ଅନ୍ୟାନ୍ୟ ବୃକ୍ଷରୋପଣ କରିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରୟାସ ପାଇଁ କଣ୍ଟାବାଡର ଆସ୍ଥା ଅନୁଷ୍ଠାନ, ପୂର୍ବତନ ରେଳକର୍ମଚାରୀ ବିପିନି ରାଉତ, ଯୁବସଂଗଠକ ନିଶାନ୍ତ ପ୍ରିୟମ୍ବଦ ଦାଶ, ବିଶ୍ୱରଞ୍ଜନ ସ୍ୱାଇଁ, କୁମାର ଅମୀୟ, ପରିବେଶବିତ୍ ମନୋଜ କୁମାର ମହାପାତ୍ର, ସୁବ୍ରତ କୁମାର ନାୟକ, ମନୋଜ କୁମାର ରାଉତ, ଶଶିଭୂଷଣ ତ୍ରିପାଠୀ, କଂଗ୍ରେସ ରଣା ପ୍ରମୁଖ ସହଯୋଗର ହାତ ବଢ଼ାଇବା ଏବଂ ଏହାକୁ ବ୍ୟାପକ କରିବା ପାଇଁ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସ୍ୱେଚ୍ଛାସେବୀ ଓ ସଂଗଠନମାନଙ୍କୁ ଧନ୍ୟବାଦ ଦେଇଛନ୍ତି ।



# ଓଡ଼ିଶା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ, ବୌଦ୍ଧଜିଲ୍ଲା ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ

ବୌଦ୍ଧ ,୧୫।୭(ପ୍ରବାହ ନ୍ୟୁଜ): ଓଡ଼ିଶା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ, ବୌଦ୍ଧଜିଲ୍ଲା ଶାଖା ପକ୍ଷରୁ ସମସ୍ତ ନାଗରିକ ମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବା ପାଇଁ ଗତ କାଲି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି କ୍ଷ ଜିଲ୍ଲା ସଭାପତି ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଦାବିପତ୍ରରେ ଦେଶରେ ବସବାସ କରୁଥିବା ସମସ୍ତ ନାଗରିକମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ନାଗରିକଙ୍କ ପାଇଁ ଶସକ୍ତ ଆଇନ, ୱାକାଫ ବୋର୍ଡ କୁ ସମ୍ପୂର୍ଣ୍ଣ ଉଚ୍ଛେଦ, ଭାରତକୁ ଅଖଣ୍ଡ ସନାତନ ରାଷ୍ଟ୍ର ରୂପେ ଘୋଷଣା କରିବା ପାଇଁ ଅନୁରୋଧ କରାଯାଇଛି । ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଦାବୀପତ୍ର ଗ୍ରହଣ କରି ଖୁବ୍ ଶୀଘ୍ର ପଠାଯିବ ବୋଲି ମତପ୍ରକାଶ କରିଥିଲେ । ଏଥି ରେ ମହିଳା ସଭାପତି ଗିତାରାଣୀ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୂର୍ଯ୍ୟେନ୍ଦ୍ର କୁମାର ଶତପଥୀ, ସିଦ୍ଧେଶ୍ୱର ଯୋଶୀ, ମିନୁପ୍ରସାଦ ମିଶ୍ର, ବିପ୍ର ଚରଣ ମହାନ୍ତି, ପ୍ରତାପ କୁମାର ସାହୁ, ମନରଞ୍ଜନ ଦାଶ, ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




# ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ



ଆଠଗଡ଼,୧୫/୭ (ପ୍ରବାହ ନ୍ୟୁଜ): ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଆଠଗଡ଼ ଏବଂ ସତ୍ୟ ସାଇ ଅନୁଷ୍ଠାନର ମିଳିତ ସହଯୋଗରେ ମହାବିଦ୍ୟାଳୟର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ସମୂହ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୃକ୍ଷ ରୋପଣ ଅବସରରେ ଛାତ୍ରଛାତ୍ରୀ ମାନେ ସବୁଜ ପରିବେଶ ସୃଷ୍ଟି କରିବା ସହିତ ପ୍ରକୃତିର ସୁରକ୍ଷା, ପରିବେଶର ସନ୍ତୁଳନ ଏବଂ ମାନବ ଜୀବନର ମଙ୍ଗଳ ପାଇଁ ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡଃ ମମତା ନନ୍ଦ ଯୋଗଦେବା ସହିତ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ସମସ୍ତ ଏନସିସି, ସ୍କାଉଟ , ରେଡ଼କ୍ରସ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# 'ଆସ୍ୱାୟାର' ପ୍ରି-ବେସଲାଇନ୍ ଟେଷ୍ଟ: ବୋର୍ଡ ପରୀକ୍ଷାରେ ୧୦୦% ସଫଳତା ଲକ୍ଷ୍ୟ



ମାଲକାନଗିରି, ୧୫।୭(ପ୍ରବାହ ନ୍ୟୁଜ): ଆଗାମୀ ମାଟ୍ରିକ ବୋର୍ଡ ପରୀକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ 'ଆସ୍ୱାୟାର' କାର୍ଯ୍ୟକ୍ରମ ଅଧୀନରେ ବୁଧବାର ଜିଲ୍ଲାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରି-ବେସଲାଇନ୍ ଟେଷ୍ଟ ଅନୁଷ୍ଠିତ ହୋଇଛି । ଏଥିରେ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରୀକ୍ଷାର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ବିଷୟଭିତ୍ତିକ ଦକ୍ଷତା ଓ ଦୁର୍ବଳତା ଚିହ୍ନଟ କରି ସେମାନଙ୍କୁ ପ୍ରତିକାରମୂଳକ ଶିକ୍ଷା ଏବଂ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବା । ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଅଭିଯାନ ମାଧ୍ୟମରେ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ପରୀକ୍ଷା ସମୟରେ ପ୍ରଧାନ ଶିକ୍ଷକ, ସିଆରସିସି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ । ପରୀକ୍ଷା ଫଳାଫଳ ଆଧାରରେ ପ୍ରତ୍ୟେକ ଛାତ୍ରଙ୍କ ରିପୋର୍ଟ କାର୍ଡ ପ୍ରସ୍ତୁତ କରାଯିବ ଏବଂ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଆବାସିକ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ବୌଦ୍ଧରେ ଜିଲ୍ଲା ପରିଷଦ ମାସିକ ସମୀକ୍ଷା ବୈଠକ

ବୌଦ୍ଧ, ୧୫।୭(ପ୍ରବାହ ନ୍ୟୁଜ):ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ପଞ୍ଚାୟତ ଭବନରେ ପରିଷଦର ଜୁଲାଇ ମାସର ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସଚନ୍ଦ୍ର ଦଣ୍ଡସନା ସମସ୍ତଙ୍କୁ ସ୍ୱାଗତ କରି ବୈଠକ ପରିଚାଳନା କରିଥିଲେ କ୍ଷ ଉକ୍ତ ବୈଠକରେ ସମସ୍ତ ବିଡ଼ିଓ, ମହାତ୍ମା ଗାନ୍ଧୀ ନରେଗା ତଥା ଭିବିଜି ରାମଜୀ ସହ ସମ୍ପୃକ୍ତ ଥିବା ସମସ୍ତ ବିଭାଗର ଅଧିକାରୀବୃନ୍ଦ କୃଷି, ଉଦ୍ୟାନ କୃଷି, ଜଳ ବିଭାଜିକା, ଜଙ୍ଗଲ ଓ ପରିବେଶ ବିଭାଗ, କାଡ଼ା ଡିଭିଜନ, ଗ୍ରାମ୍ୟ ଓ ଜଳ ପରିମଳ, ମିଶନ ଶକ୍ତି ଇତ୍ୟାଦି ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ୨୦୨୬/୨୭ ଆର୍ଥିକ ବର୍ଷରେ ଜୁନ୍ ମଧ୍ୟରେ ଭିବିଜି ରାମଜୀ, ପଞ୍ଚାୟତି ରାଜ, ଗ୍ରାମ୍ୟ ଗୃହନିର୍ମାଣ, ଅଙ୍ଗନୱାଡ଼ି କେନ୍ଦ୍ର, ମିଶନ ଶକ୍ତି କେନ୍ଦ୍ର, ବିକଶିତ ଗାଁ, ବିକଶିତ ଓଡ଼ିଶା, ବନ ସୁରକ୍ଷା ସମିତି ଆଦି ସ୍କିମର ପ୍ରଗତି ସମ୍ବନ୍ଧରେ ସମୀକ୍ଷା ହୋଇଥିଲା କ୍ଷ ନୂତନ ଭାବରେ ଲାଗୁ ହୋଇଥିବା ଭିବିଜି ରାମଜୀ ଅଧୀନିୟମ ଅଧୀନରେ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପାଦନ ପରିଚାଳନା ପଦ୍ଧତି ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା କ୍ଷ ଏହି ଯୋଜନାରେ ଜୁନ୍ ମାସ ପର୍ଯ୍ୟନ୍ତ ସାତ ଲକ୍ଷ ଷାଠିଏ ହଜାର ଶ୍ରମଦିବସ ସୃଷ୍ଟି ପାଇଁ ଲକ୍ଷଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୮୧,୦୮୨ ଶ୍ରମଦିବସ ଯାହାକି ଧାର୍ଯ୍ୟଲକ୍ଷର ୨୪ ପ୍ରତିଶତ ଲକ୍ଷ ହାସଲ ହୋଇଛି କ୍ଷ ବାକି ଥିବା ୫,୭୮,୯୧୮ ଶ୍ରମଦିବସ ସୃଷ୍ଟି ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା କ୍ଷ ଜୁଲାଇ ପାଇଁ ୧,୦୧,୦୦୦ ଶ୍ରମଦିବସ ଧାର୍ଯ୍ୟ ହୋଇଥିବାବେଳେ ଏହି ଲକ୍ଷ୍ୟ ହାସଲ ପାଇଁ ଏବଂ ଯୁକ୍ତଧାରା ପୋର୍ଟାଲରେ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ପ୍ରାପ୍ତ କରାଇବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ଅନ୍ତୋଦୟ ଗୃହ ଯୋଜନାରେ ଆବଣ୍ଟିତ ଗୃହଗୁଡିକର ଶୀଘ୍ର ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ କ୍ଷ ଓଡ଼ିଶା ଜିବିକା ମିଶନରେ ଅଧିକ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସହ ଯୋଡ଼ିବା, ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଅଧିକ ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରିବା, ଶତ ପ୍ରତିଶତ ଆବର୍ଜନା ସଂଗ୍ରହ ଆଦି ବିଷୟରେ ସମୀକ୍ଷା କରାଯାଇ ବିଭାଗଗୁଡ଼ିକୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କ୍ଷ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଅଧୀନରେ ବାକି ରହିଯାଇଥିବା ୩୪ ଗୋଟି ପ୍ରକଳ୍ପର ଆକଳନ, ମୂଲ୍ୟାଙ୍କନ, ଖର୍ଚ୍ଚ ପ୍ରତିଶତ ବୃଦ୍ଧି କରିବା, ୨୭ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର, ୫ ଟି ମିଶନ୍ ଶକ୍ତି ସୌଧ ଓ ୫ ଟି ବଜାର ଗୃହ ଶୀଘ୍ର ନିର୍ମାଣ ଆରମ୍ଭ କରିବା ପାଇଁ ଜିଲ୍ଲାପାଳ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କ୍ଷ ମିଶନ ଶକ୍ତି ଗୃହଗୁଡିକ ଶିଘ୍ର ନିର୍ମାଣ କାର୍ଯ୍ୟ ସମାପନ କରି ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଯୋଗାଇଦେବା ଏବଂ ବନ ସୁରକ୍ଷା ସମିତି ଗୃହ ଶୀଘ୍ର ନିର୍ମାଣ କରି ସେମାନଙ୍କୁ ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଗଲା କ୍ଷ ସମସ୍ତ ପ୍ରକଳ୍ପ ଗୁଡିକ ଉପଯୁକ୍ତ ଗୁଣବତ୍ତା ସହିତ ସମୟ ସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।



# ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ସମ୍ବର୍ଦ୍ଧିତ



ବାଙ୍କୀ, ୧୫।୭(ପ୍ରବାହ ନ୍ୟୁଜ): ବାଙ୍କୀର ବିଶିଷ୍ଟ ଅଧିବକ୍ତା ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ତଥା ବରିଷ୍ଠ ଆଇନଜୀବୀ , ସୁବକ୍ତା, ସୁସାହିତ୍ୟିକ ରାମଚରିତ ମାନସର ପ୍ରବଚକ ପଣ୍ଡିତ ହରେକୃଷ୍ଣ ଦାଶଙ୍କ ରମାକାନ୍ତ ପଣ୍ଡା ସ୍ମୃତି ସମ୍ମାନରେ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରାଦ୍ଧ କମିଟିର ସଂପାଦକ ଆଇନଜୀବୀ ଜିତେନ୍ କୁମାର ରଥ, ବାଙ୍କୀ ବାରର ସଭାପତି ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତତ୍ ସହିତ ପଣ୍ଡିତ ହରେକୃଷ୍ଣ ଦାଶ ଗରିବ ନିଃସହାୟ ଲୋକମାନଙ୍କୁ ନ୍ୟାୟ ମିଳିବାରେ ସହାୟତା କରୁଥିବାରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି ।

# କାଉଡ଼ିଆଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଜଳଲାଗି ନିମେନ୍ତ ଧବେଳଶ୍ୱରଙ୍କ ପୀଠରେ ପ୍ରଶାସନର ପ୍ରସ୍ତୁତି

ଆଠଗଡ,୧୫।୭(ପ୍ରବାହ ନ୍ୟୁଜ): ଶ୍ରାବଣ ମାସେର ବାବା ଧବେଳଶ୍ୱରଙ୍କ ପୀଠରେ କାଉଡ଼ିଆ ମାନଙ୍କ ଦ୍ୱାରା ଜଳଲାବଗି ପାଇଁ ଆଜି ପୂର୍ବାହ୍ନେର ୧୧ଘ ୩୦ମି ସମୟେର ବାବା ଧବେଳଶ୍ୱରଙ୍କ ପୀଠ ରେ ଉପଜିଲ୍ଲାପାଳ ଶ୍ରୀ ପ୍ରହଲ୍ଲାଦ ନାରାୟଣ ଶର୍ମା, ଭା. ପ୍ର. ସେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରସ୍ତୁତି ବୈଠକେର ତା ୦୩. ୦୮. ୨୦୨୬ ରିଖ ଠାରୁ ତା ୨୪. ୦୮. ୨୦୨୬ ରିଖ ମଧ୍ୟେର ଶ୍ରାବଣ ମାସର ପ୍ରେତ୍ୟକ ସୋମବାର ରେ କାଉଡ଼ିଆ ମାନଙ୍କ ଦ୍ୱାରା ଅର୍ପଣ କରାଯାଉଥିବା ଜଳ ଏବଂ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟକ୍ରମ ଉପେର ପୁଙ୍ଖାନୁପୁଙ୍ଖ ଅାଲୋଚନା କରାଯାଇଥିଲା । ଉକ୍ତ ସମୟ ମାନଙ୍କେର ବଶିେଷକରି ବ୍ୟାରକିେଡିଙ୍ଗ, ପରିମଳ



ବ୍ୟବସ୍ଥା, ଭକ୍ତ ମାନଙ୍କ ନିମେନ୍ତ ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟ ସେବା , ରାସ୍ତାଘାଟ ମରାମତି, ଆଲୋକୀକରଣ, ଆଇନ ଶୃଙ୍ଖଳା ବ୍ୟବସ୍ଥା, ଅଗ୍ନିଶମ ସେବା, ବିଦ୍ୟୁତ ସରବରାହ ଉପେର ଉପଜିଲ୍ଲାପାଳ ଶ୍ରୀ ଶର୍ମା ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଅାଲୋଚନା କରି ତତ ସମ୍ବନ୍ଧୀୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନଦିେର୍ଶ ଦେଇଥିେଲ । ଚଳିତ ବର୍ଷ ଶ୍ରାବଣ ମାସେର ଭକ୍ତ ମାନଙ୍କ ପାଇଁ ଶୌଚାଳୟ ନିର୍ମାଣ, ଉଚ୍ଚ କ୍ଷମତା ସଂପର୍ଣ୍ଣ ମାଇକ ସାଉଣ୍ଡକୁ ନିଷେଧ ଏବଂ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ କରିବା ଏବଂ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଦଳ ନଦୀ ଘାଟେର ପାଖେର ସଜାଗ ରହିବା ନିମେନ୍ତ ଆଜି ବୈଠକେର ବିସ୍ତୃତ ଅାଲୋଚନା କରାଯାଇଥିଲା । ଉକ୍ତ ବୈଠକେର ମଣ୍ଡଳ ଉନ୍ନୟନ ଅଧିକାରୀ, ଆଠଗଡ଼ ଶ୍ରୀ ଆକାଶ କୁମାର ପଣ୍ଡା,ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ,ଗୁରୁଡିଝାଟିଆ ଥାନା ଅଧିକାରୀ ଶ୍ରୀ ଶୁଭେନ୍ଦୁ ମିଶ୍ର , ସେବାୟତ ସଂଘ ର ସଭାପତି ଶ୍ରୀ ବିଷ୍ଣୁ ଚରଣ ପତ୍ରି, ସମ୍ପାଦକ ଶ୍ରୀ ନେରନ୍ଦ୍ର କୁମାର ପଣ୍ଡା ,ସଂପୃକ୍ତ ବିଭାଗୀୟ ଅଧିକାରୀ ,ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିବାବେଳେ ଦେବୋତ୍ତର ସୁପରଭାଇଜର ଶ୍ରୀ ଭବାନୀ ଶଙ୍କର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିେଲ ।

# ଛତ୍ରପୁର ରାଜାଘର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଶୃଙ୍ଖଳିତ ନବଯୌବନ ଦର୍ଶନ

ଛତ୍ରପୁର,୧୫।୭(ପ୍ରବାହ ନ୍ୟୁଜ):ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସହରରେ ଅବସ୍ଥାପିତ ରାଜାଘରର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ନେତ୍ରତ୍ସୋବ ଓ ନବଯୌବନ ଦର୍ଶନ ଶୃଙ୍ଖଳିତ ଭାବେ ସମାହିତ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ଏହି ଉପଲକ୍ଷେ ଏକ ନିଆରା ସାଂସ୍କୃତିକ ଭରା କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ, ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣର ନୃତ୍ୟ ପରିବେଷଣ ହୋଇଥିଲା । ଯାହାକି ଅଗଣିତ ଭକ୍ତଙ୍କ ଗହଳି ମଧ୍ୟରେ ସ୍ଥାନଟି ଖୁବ୍ ଉତ୍ସବ ମୁଖର ହୋଇ ଉଠିଥିଲା । ତେବେ ଦିଅଁଙ୍କ ନୀତିକାନ୍ତି ନିର୍ଦ୍ଧାରିତ ସମୟ ଅନୁସାରେ ସମ୍ପନ୍ନ ହୋଇଥିବା ବେଳେ ସହିତ ଚତୁର୍ଦ୍ଧାମୂର୍ତ୍ତି ଯଥା ବଡ଼ ଠାକୁର ବଳଭଦ୍ର, ପ୍ରଭୁଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ସୁଦର୍ଶନ ଠାକୁର ଜ୍ୱର ରୁ ସୁସ୍ଥ ହୋଇ ମଙ୍ଗଳବାର ସନ୍ଧ୍ୟାରେ ଭକ୍ତମାନଙ୍କୁ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି । ମହାପ୍ରଭୁଙ୍କ ଏହି ଦୁର୍ଲଭ ଲୀଳା ଦର୍ଶନ ଯେ, ଅଗଣିତ



ଭକ୍ତଙ୍କୁ ବିମୋହିତ କରିଥିଲା । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ନବଯୌବନ ବେଶ ଓ ନେତ୍ର ଉତ୍ସବ ଖୁବ୍ ନିଆରା ଧର୍ମରେ ବର୍ଣ୍ଣାଢ୍ୟ ସମାରୋହରେ ସମାହିତ ହୋଇଆସୁଅଛି । ଏହି ଦିନ ସନ୍ଧ୍ୟାରେ ଆୟୋଜିତ ରଙ୍ଗମଞ୍ଚରେ କୁନିକୁନି କଳାକାର ମାନେ ନାଟ୍ୟ-ମଣ୍ଡପରେ ମହାପ୍ରଭୁ କାଳିଆ ସାଆନ୍ତଙ୍କଙ୍କ ପ୍ରତି ନିଜକୁ ସମର୍ପଣ କରି ନିଜର ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ କରନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ରଙ୍ଗମଞ୍ଚରେ କୁନିକଳାକାର ମାନେ ନିଜ ନିଜର କଳା ପ୍ରତିଭା ପ୍ରଦର୍ଶନ କରି ଅଗଣିତ ଦର୍ଶକଙ୍କୁ ଆକର୍ଷିତ କରିପାରିଛନ୍ତି । ଛତ୍ରପୁର ସହରାଞ୍ଚଳର ତାଡେପଲ୍ଲି ସାହିସ୍ଥ ରାଜାଘର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜିତ ଆକର୍ଷଣୀୟ ବଡ଼ଦେଉଳରେ ପୂଜିତ ମହାପ୍ରଭୁଙ୍କ ଏହି ନିୟମିତ ବିଧାନରେ ବ୍ୟବସ୍ଥିତ ଠାକୁରଙ୍କ ବେଶଲୀଳା ଖୁବ୍ ନିଆରା ଓ ପ୍ରଶଂସନୀୟ ଅଟେ । ଏହି ମନ୍ଦିରରେ ବିଜେ ପ୍ରତିମା ଠାକୁରଙ୍କ ଦର୍ଶନରେ ଉଭୟ ତେଲୁଗୁ ଓଡ଼ିଆ ବିଭିନ୍ନ ବର୍ଗର ଲୋକଙ୍କ ନିମନ୍ତେ ସାନିଧ୍ୟ ଲାଭ ହୋଇ ଭକ୍ତମାନେ ପୂଣ୍ୟ ଅର୍ଜନ କରିଆସିଛନ୍ତି ବୋଲି କୁହାଯାଏ ।

# ବଜ୍ରପାତରେ ଶ୍ୟାମ କୁମରାଙ୍କ ଘର ପୋଡ଼ି ପାଉଁଶ ସରକାରୀ ସହାୟତା ପାଇଁ ଦାବି

ବୌଦ୍ଧ,୧୫।୭(ପ୍ରବାହ ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖମନମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କାପେଲବେଡା ଗ୍ରାମରେ ଏକ ଦୁଃଖଦାୟକ ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ହୋଇଥିବା ବଜ୍ରପାତ ଯୋଗୁଁ ଜଣେ ଅସହାୟ ବୃଦ୍ଧଙ୍କ ଘର ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ?ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ଘଡଘଡି ସହ ବିଜୁଳି ମାରିବା ଯୋଗୁଁ କାପେଲବେଡା ଗ୍ରାମର ଶ୍ୟାମ କୁମରାଙ୍କ ଘର ଉପରେ ବଜ୍ରପାତ ହୋଇଥିଲା । ଫଳରେ ତାଙ୍କର ୨ ବଖରା ଚାଳ ଘରେ ନିଆଁ ଲାଗିଯାଇଥିଲା । ନିଆଁର ପ୍ରକୋପରେ ଘରେ ଥିବା ଚାଉଳ, ଆସବାବପତ୍ର ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷ ପତ୍ର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ତେବେ ସୌଭାଗ୍ୟବଶତଃ ଘଟଣା ସମୟରେ ଘର ଭିତରେ କେହି ନଥିବାରୁ ଏକ ବଡ଼ ଧରଣର ଜୀବନହାନି ଟଳିଯାଇଛି । ଏହି ଘଟଣା ସମ୍ପର୍କରେ ଖବର ପାଇ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଙ୍କୁ ଭେଟିବା ସହ କିଛି ଜରୁରୀ ରିଲିଫ ସାମଗ୍ରୀ ପ୍ରଦାନ କରିଛନ୍ତି । ଏଥିସହିତ ଖୁଣ୍ଟିଗୋରା ଆରଆଇ ଅରୁଣ ନାଏକ ମଧ୍ୟ ସ୍ଥିତି ପରଖିବାକୁ ପହଞ୍ଚି ମୁଣ୍ଡ ଗୁଞ୍ଜିବା ପାଇଁ ଜରି ପାଲ ଯୋଗାଇ ଦେଇଛନ୍ତି । ଏହାସହ ଅଗ୍ନିକାଣ୍ଡରେ ହୋଇଥିବା କ୍ଷୟକ୍ଷତିର ଆନୁଷ୍ଠାନିକ ଆକଳନ ମଧ୍ୟ କରିଛନ୍ତି । ଅନ୍ୟପଟେ ସର୍ବସ୍ୱ ହରାଇଥିବା ଶ୍ୟାମ କୁମୁରାଙ୍କୁ ଯଥାଶୀଘ୍ର ସରକାରୀ ନିୟମ ଅନୁଯାୟୀ ଉପଯୁକ୍ତ ସହାୟତା ଓ ଗୃହ ନିର୍ମାଣ ପାଇଁ ଆର୍ଥିକ ରାଶି ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ପାଦ ଥାପିଲା ଆମ ଆଦମୀ ପାର୍ଟି

# ଦିଲ୍ଲୀରୁ ପଲ୍ଲୀ ସାଂଗଠନିକ ଅଭିଯାନ

ବୌଦ୍ଧ ,୧୫।୭(ପ୍ରବାହ ନ୍ୟୁଜ):ଦିଲ୍ଲୀରୁ ପଲ୍ଲୀ ସାଂଗଠନିକ ଅଭିଯାନ ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀକୁ ପ୍ରବେଶ କରିଛି ଆମ ଆଦମୀ ପାର୍ଟି । ବୁଧବାର ଏଏପିର କଣ୍ଟାମାଳ ବିଧାନସଭାର ସଭାପତି ପାଣ୍ଡବ କହଁରଙ୍କ ନେତୃତ୍ୱରେ ଘଣ୍ଟାପଡ଼ାରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କୁ ସ୍ୱାଗତ କରି ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମହାପାତ୍ର ଯୋଗଦେଇ ଦେଶରୁ ଦୁର୍ନିତି,ଭ୍ରଷ୍ଟାଚାର ମୁକ୍ତ କରିବାକୁ ହେଲେ ତୃଣମୂଳ ସ୍ତରରୁ ଆମକୁ ଉତ୍ପାଟନ କରିବାକୁ ପଡିବ ବୋଲି ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଣୁ ଆମକୁ ଗାଁ ଗାଁର ସମସ୍ୟାର ସମାଧାନ କରିବାକୁ



ପ୍ରୟାସ ଜାରି ରଖନ୍ତୁଏବଂ ଲୋକଙ୍କ ଭାବନାରେ କେବଳ ଆପ ହିଁ ବିକଳ୍ପ ସରକାର ଭାବେ ଜାଗ୍ରତ କରାନ୍ତୁ । ସେହିପରି ରାଜ୍ୟ ସଂପାଦକ କଲ୍ୟାଣ ଆନନ୍ଦ, ବଲାଙ୍ଗିର ଲୋକସଭା ପ୍ରଭାରୀ ଆଶିଷ ପାଣ୍ଡେ, କନ୍ଧମାଳ ଲୋକସଭା ପ୍ରଭାରୀ ଜର୍ବାସ ଦିଗାଳ, ଗିରିଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମାରଣା ନିତି ଉପରେ ବର୍ଷିଥିଲେ।ବୈଠକରେ କଣ୍ଟାମାଳ ବିଧାନସଭା ସଭାପତି ପାଣ୍ଡବ କହଁର ସଭାପତିତ୍ୱ କରିଥିବା ବେଳେ ସମସ୍ତ କର୍ମକର୍ତ୍ତା ଓ କର୍ମୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଚିକିଟି ଏନଏସିରେ ଚାରି ମାସ ହେଲା ମିଳୁନି ଅନଲାଇନ୍ ଭତ୍ତା, ଦୁଃଖରେ ବୃଦ୍ଧ-ଦିବ୍ୟାଙ୍ଗ ଓ ବିଧବା ହିତାଧିକାରୀ

ଚିକିଟି,,୧୫।୭(ପ୍ରବାହ ନ୍ୟୁଜ): ଚିକିଟି ଏନଏସି ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଅନଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ଭତ୍ତା ଗତ ପ୍ରାୟ ଚାରି ମାସ ଧରି ମିଳୁନଥିବା ଅଭିଯୋଗ ହୋଇଛି। ଏହା ଫଳରେ ବୃଦ୍ଧ, ବିଧବା, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଘୋର ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଭତ୍ତା ହିଁ ସେମାନଙ୍କର ଦୈନନ୍ଦିନ ଜୀବନର ଏକମାତ୍ର ସହାୟକ ହୋଇଥିବାବେଳେ, ଚାରି ମାସ ଧରି ଟଙ୍କା ନମିଳିବାରୁ ଔଷଧ କିଣିବା, ଖାଦ୍ୟ ସାମଗ୍ରୀ ସଂଗ୍ରହ କରିବା ଓ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ବହନ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବାରମ୍ବାର ଏନଏସି କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ୍ୟ ସଠିକ୍ କାରଣ କିମ୍ବା



କେବେ ଭତ୍ତା ମିଳିବ ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳୁନଥିବା ହିତାଧିକାରୀମାନେ କହିଛନ୍ତି। ଏହି ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ, ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା ସହ ଏହାର ପ୍ରକୃତ କାରଣ ସାର୍ବଜନୀନ କରିବାକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗନିକଟରେ ଦାବି ହୋଇଛି। ଚିକିଟି ଏନଏସି ନିର୍ବାହୀ ଅଧିକାରୀ ଯୋଗା ଯୋଗ କରିବା ରୁ ଏହି ବିଷୟ ରେ ମୁଁ ଉଚ୍ଚ ସ୍ତ ଉପର ଅଧିକାରୀ ଜଣାଇବି ।

# ବୌଦ୍ଧର ଦୁଇ ଶିକ୍ଷକଙ୍କୁ ମିଳିଲା ଶିକ୍ଷାରତ୍ନ ସମ୍ମାନ

ବୌଦ୍ଧ ,୧୫।୭(ପ୍ରବାହ ନ୍ୟୁଜ): ଓଡ଼ିଶା ଅଭିଭାବକ ମହାସଂଘ ଓ ରୋଟାରୀ କ୍ଲବର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ ମାନ୍ୟବର ବିଚାରପତି ବି.ଆର. ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ ଆଇ ପି ଏସ ଅନୁପ ପଟ୍ଟନାୟକଙ୍କଠାରୁ ବୌଦ୍ଧ ଜିଲ୍ଲାର ତେଲିବନ୍ଧ ନୋଡାଲ ହାଇ ସ୍କୁଲର ସହକାରୀ ଶିକ୍ଷକ ଶମ୍ଭୁ ଗିରି ଓ କୃଷମୋହନପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ ପ୍ରସାଦ ସେଠି ପୁରସ୍କାର ଗ୍ରହଣ କରିଛନ୍ତି । ଶ୍ରୀ ଗିରି ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତିବନ୍ଧୁ ପୁରସ୍କାର, ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ଉପସଭାପତି, ବୌଦ୍ଧ ଜିଲ୍ଲାପ୍ରାଥମିକ



ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି, ଓଡିଶାର ଅବହେଳିତ ଜନସାଧାରଣଙ୍କ କଲ୍ୟାଣ ପାଇଁ ଲୋକ ସେବକ ମଣ୍ଡଳ, ଓଡିଶା ତରଫରୁ ଗୋପବନ୍ଧୁ ଜ୍ୟୋତି ସଂମ୍ମାନ, ଯୁବକ ମାନଙ୍କ କଲ୍ୟାଣ ପାଇଁ ଜିଲ୍ଲା ଯୁବ ସଂମ୍ମାନ ପୁରସ୍କାର ଆଦି ଅନେକ ପୁରସ୍କାର ଓ ସଂମ୍ମାନିତ ହୋଇ ଥିବାବେଳେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଆସୁଛନ୍ତି କ୍ଷ ଶ୍ରୀଯୁକ୍ତ ଗିରି ଓ ସେଠି ଉଭୟ ଶିକ୍ଷକ ଓଡିଶା ଶିକ୍ଷାରତ୍ନ ସଂମ୍ମାନରେ ସଂମ୍ମାନିତ ହୋଇଥିବାରୁ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଘ ତଥା କର୍ମଚାରୀ ସଂଗଠନ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

# ବାଆଁରା ମିଳିତ ସୁବୁଦ୍ଧେଶ୍ୱର ବିଦ୍ୟାଳୟର ନୂଆ ପୂରିଚାଳନା କମିଟି

ବାଙ୍କୀ,୧୫।୭(ପ୍ରବାହ ନ୍ୟୁଜ): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ମିଳିତ ସୁବୁଦ୍ଧେଶ୍ୱର ବିଦ୍ୟାଳୟର ନୂଆ ପରିଚାଳନା କମିଟି ଗଠିତ ହୋଇଯାଇଛି । ଏଥିରେ ସଭାପତି ଭାବେ ଜୟନ୍ତ କୁମାର ରାଉତ, ଉପସଭାପତି ସସ୍ମିତା ରାଉତ, ସଭ୍ୟଭାବରେ ସୁଶାନ୍ତ କୁମାର ସାହୁ, କିଶୋର ଭୋଇ, ଅଜୟ କୁମାର ଜେନା, ବାବୁଲା ପାତ୍ର, ରାମଚନ୍ଦ୍ର ସାହୁ, ରଶ୍ମିତା ରାଉତ, ନଳିନୀ



ଭୋଇଙ୍କ ସମେତ ମୋଟ୍ ୧୯ଜଣ ସଦସ୍ୟଙ୍କୁ ନେଇ ଏହି ପରିଚାଳନା କମିଟି ଗଠିତ ହୋଇଛି ବୋଲି ବିଦ୍ୟାଳୟ ପକ୍ଷରୁ ସୁଚାନ ମିଳିଛି ।

# ସ୍ୱାସ୍ଥ୍ୟ ସେବାର ସମୀକ୍ଷା କଲେ ଜିଲ୍ଲାପାଳ, ତୃଣମୂଳ ସ୍ତରରେ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ



ମାଲକାନଗିରି, ୧୫।୭(ପ୍ରବାହ ନ୍ୟୁଜ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସେବା ଓ ସରକାରୀ ଯୋଜନାର ଅଗ୍ରଗତି ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସମସ୍ତ ବ୍ଲକ ମେଡିକାଲ ଅଫିସର, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ଆଇସିଡିଏସ୍ ?ର ବରିଷ୍ଠ କର୍ମଚାରୀ ଯୋଗଦେଇଥିଲେ । ଜିଲ୍ଲାର ଦୁର୍ଗମ ଓ ଜନଜାତି ବହୁଳ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏବଂ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ବିଶେଷ ଆଲୋଚନା ହୋଇଥିଲା । ସମସ୍ତ ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବ୍ଲକ ଓ ଗ୍ରାମସ୍ତରରେ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ଓ ଆଇସିଡିଏସ୍ ? ମଧ୍ୟରେ ସମନ୍ୱୟ ବୃଦ୍ଧି କରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି, କୁପୋଷଣ ହ୍ରାସ ଏବଂ ପ୍ରତ୍ୟେକ ଗରିବ ଲୋକଙ୍କ ପାଖରେ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବ୍ଲକସ୍ତରର ସ୍ୱାସ୍ଥ୍ୟ ସମସ୍ୟା ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା ।

# ବିଶ୍ୱ ଯୁବ ଦକ୍ଷତା ଦିବସରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

## କିଶୋରୀ ଓ ଯୁବପିଢ଼ିଙ୍କ ସଶକ୍ତିକରଣ ପାଇଁ ଓଜେପିଟିର ଅଭିନବ ପ୍ରୟାସ

କଟକ ,୧୫।୭(ପ୍ରବାହ ନ୍ୟୁଜ): ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଜେପିଟି) ପକ୍ଷରୁ କଟକ ସଦର ଅନ୍ତର୍ଗତ ନରଣପୁର ଠାରେ ଦକ୍ଷତା ବିକାଶ କେନ୍ଦ୍ର'ର ଶୁଭ ଉଦ୍ ?ଘାଟନ ହୋଇଯାଇଛି । ଗ୍ରାମୀଣ ଯୁବପିଢ଼ି ଓ କିଶୋରୀମାନଙ୍କୁ ଦକ୍ଷତା ବିକାଶ ସହ ସ୍ୱାବଲମ୍ବୀ କରିବା ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ପ୍ରଯୁକ୍ତି ସହ ଯୋଡ଼ିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଅବସରରେ କଟକ ଜିଲ୍ଲାର ମାନପୁର ଗ୍ରାମର ଯୁବ କାଠଶିଳ୍ପୀ ଶ୍ରୀ ରାଜେଶ ସାହୁଙ୍କୁ ଉନ୍ନତମାନର ଆଧୁନିକ କାଠଶିଳ୍ପ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ଓଜେପିଟିର ପରିଚାଳନା ନିର୍ଦ୍ଦେଶିକା ସୌମ୍ୟରାଣୀ ମହାପାତ୍ର ନିଜେ ଉପସ୍ଥିତ ରହି ତାଙ୍କୁ 'ମାଷ୍ଟର କ୍ରାଫ୍ଟସମ୍ୟାନ' ଭାବେ ଦାୟିତ୍ୱ ପ୍ରଦାନ କରିବା ସହ ସମସ୍ତ ଯନ୍ତ୍ରପାତି ହସ୍ତାନ୍ତର କରିଥିଲେ ।

ପ୍ରକଳ୍ପ ଅନୁଯାୟୀ ଶ୍ରୀ ସାହୁଙ୍କ ଦ୍ୱାରା ପ୍ରସ୍ତୁତ





କାଠ ପ୍ଲେଟ ୨୦ ଜଣ ଆର୍ଥିକ ଅନଗ୍ରସର କିଶୋରୀଙ୍କୁ ଯୋଗାଇ ଦିଆଯିବ । ସେମାନଙ୍କୁ ପାରମ୍ପରିକ କଳାକୃତି ଓ ଚିତ୍ରାଙ୍କନର ପ୍ରଶିକ୍ଷଣ ଦେଇ ଦକ୍ଷ କାରିଗର ଭାବେ ଗଢ଼ି ତୋଳାଯିବ ।ଏହା ମାଧ୍ୟମରେ କିଶୋରୀମାନେ ଆଜୀବନ ଉପଯୋଗୀ ଏକ ଦକ୍ଷତା ଅର୍ଜନ କରି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବେ ।

ଓଜେପିଟି ପକ୍ଷରୁ ପ୍ରକଳ୍ପ ପାଇଁ ଆବଶ୍ୟକ ସମସ୍ତ କଞ୍ଚାମାଲ ମାଗଣାରେ ଯୋଗାଇ ଦିଆଯିବା ସହ 'ବାଏ-ବ୍ୟାକ' ବ୍ୟବସ୍ଥା ମଧ୍ୟ କରାଯାଇଛି । କାରିଗରମାନଙ୍କ ପ୍ରସ୍ତୁତ ସାମଗ୍ରୀକୁ ଟ୍ରଷ୍ଟ ସିଧାସଳଖ କ୍ରୟ କରି ବଜାରଜାତକରଣର ସମ୍ପୂର୍ଣ୍ଣ ଦାୟିତ୍ୱ ନେବ ।ଏହା ଦ୍ୱାରା ଗ୍ରାମୀଣ ପରିବାରମାନଙ୍କ ଆୟ ବୃଦ୍ଧି ସହ ନିୟମିତ ରୋଜଗାରର ସୁଯୋଗ ସୃଷ୍ଟି ହେବ ।

ଉଦ୍ ?ଘାଟନୀ କାର୍ଯ୍ୟକ୍ରମରେ ଓଜେପିଟିର ଏନଜିଓ କୋଅର୍ଡିନେଟର ସୁଧାଂଶୁ ଶେଖର କହିଥିଲେ ଯେ,ଏହି ପ୍ରକଳ୍ପ ମାନପୁରର ପ୍ରାୟ ୨୦ଟି ପରିବାରର ଆର୍ଥିକ ବିକାଶ ଓ ସମ୍ମାନଜନକ ଜୀବିକା ନିର୍ବାହରେ ସହାୟକ ହେବ ।ସେ କହିଥିଲେ, କିଶୋରୀମାନଙ୍କୁ ଚୟନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଏଭଳି ଏକ ଦକ୍ଷତା ଦେବା, ଯାହା ସାରା ଜୀବନ ସେମାନଙ୍କ ପାଇଁ ରୋଜଗାରର ମାଧ୍ୟମ ହୋଇ ରହିବ ।

ବିଶ୍ୱ ଯୁବ ଦକ୍ଷତା ଦିବସରେ ଆରମ୍ଭ ହୋଇଥିବା ଏହି ଦକ୍ଷତା ବିକାଶ କେନ୍ଦ୍ର ଗ୍ରାମୀଣ ଓଡ଼ିଶାରେ ଆତ୍ମନିର୍ଭରଶୀଳତା, ମହିଳା ସଶକ୍ତିକରଣ ଓ ସ୍ଥାୟୀ ଆର୍ଥିକ ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଇଥିଲା ।

## ଶୁଭେଚ୍ଛା ଓ ଅଭିନନ୍ଦନ

କନ୍ଧମାଳ ବ୍ଲକର ସମସ୍ତ ଚାଷୀ ଭାଇ ଭଉଣୀ ଓ ଜନ ସାଧାରଣଙ୍କୁ ଆମ ତରଫରୁ ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ ।





ସମୟ ସ୍ରୋତରେ ଆମେ ପ୍ରବାହ PRABAHA

**ଲକ୍ଷ୍ମୀଧର ଦନ୍ତା**
ସମ୍ପାଦକ, ରଣ୍ଡିମହୁଲ ପ୍ରାଥମିକ କୃଷି ସମବାୟ ସମିତି, କନ୍ଧମାଳ ବ୍ଲକ, ବୌଦ୍ଧ ଜିଲ୍ଲା

**ସୁଧୀର କୁମାର ଖଟୁଆ**
ସଭାପତି, ରଣ୍ଡିମହୁଲ ପ୍ରାଥମିକ କୃଷି ସମବାୟ ସମିତି, କନ୍ଧମାଳ ବ୍ଲକ, ବୌଦ୍ଧ ଜିଲ୍ଲା

## ଶୁଭେଚ୍ଛା ଓ ଅଭିନନ୍ଦନ

କନ୍ଧମାଳ ବନାଞ୍ଚଳ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କୁ ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ବୌଦ୍ଧ ଜିଲ୍ଲା କନ୍ଧମାଳ ବନାଞ୍ଚଳ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ 'ମା ପାଇଁ ଗଛ ଟିଏ' ଅଭିଯାନରେ ସାମିଲ ହୋଇ ଅନ୍ତତଃ ଗୋଟିଏ ଗଛ ଲଗାନ୍ତୁ ଏବଂ ତାହାର ଯତ୍ନ ନିଅନ୍ତୁ। ଆସନ୍ତୁ, ସମସ୍ତେ ମିଶି ଆମ ମାଟି, ଜଙ୍ଗଲ ଓ ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ କନ୍ଧମାଳ ଗଢ଼ିବାରେ ସହଭାଗୀ ହେବା।



**ଅଶୋକ ପ୍ରଧାନ**
ବନପାଳ,ବରପଦର ସେକ୍ସନ,
କନ୍ଧମାଳ ବନାଞ୍ଚଳ, ବୌଦ୍ଧ ବନଖଣ୍ଡ

ସମୟ ସ୍ରୋତରେ ଆମେ ପ୍ରବାହ PRABAHA

















## କିଟ୍ ଛାତ୍ରୀ 'ଇଣ୍ଡିଆନ୍ ଆଇଡଲ୍' ୨୦୨୬
# ଗ୍ରାଣ୍ଡ ଫିନାଲିଷ୍ଟ ଜ୍ୟୋତିର୍ମୟୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୫।୭(ପ୍ରବାହ ନ୍ୟୁଜ) :**ସୋନି ଟିଭିର ଲୋକପ୍ରିୟ ରିଆଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍' ସିଜନ୍ ୧୬ର ଗ୍ରାଣ୍ଡ ଫିନାଲେରେ ପହଞ୍ଚିଥିବା କିଟ୍ ଛାତ୍ରୀ ତଥା ଓଡ଼ିଆ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକଙ୍କ ହୋମ୍ କମିଂ ସେଲିବ୍ରେସନ୍ ଅବସରରେ ତାଙ୍କୁ କିଟ୍ ଓ କିସ୍ ପକ୍ଷରୁ ବୁଧବାର ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଜ୍ୟୋତିର୍ମୟୀ ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯିବା ସହ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା।

ଅପରାହ୍ନରେ ନିଜ ଶିକ୍ଷାନୁଷ୍ଠାନ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ନିମନ୍ତେ ବ୍ୟାପକ ଆୟୋଜନ କରାଯାଇଥିଲା। ସେ କିଟ୍ କ୍ୟାମ୍ପସ୍‌ରେ ପହଞ୍ଚିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସ୍ୱାଗତ କରିବା ସହ କିଟ୍‌ର ଶତାଧିକ କର୍ମଚାରୀ ଓ ଛାତ୍ରଛାତ୍ରୀ ତାଙ୍କୁ ପାରମ୍ପରିକ ନୃତ୍ୟ ଓ ସଂଗୀତ ମଧ୍ୟରେ ଅଭିନନ୍ଦନ ଜଣାଇଥିଲେ। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ପରେ କିସ୍ ଶ୍ରୀବାଣୀକ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ପରେ କିସ୍ କ୍ୟାମ୍ପସରେ କିସ୍ ଛାତ୍ରଛାତ୍ରୀ ଜନଜାତି ନୃତ୍ୟଗୀତରେ ଜ୍ୟୋତିର୍ମୟୀଙ୍କୁ ସ୍ୱାଗତ କରିଥିଲେ। ସେଠାରେ ସେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ସଂଗୀତ ପରିବେଷଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ।

ପରେ କିଟ୍ ଅଡିଟୋରିୟମ୍‌ରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି, ଅଭିନେତା ଦେବାଶିଷ ପାତ୍ର, ପୁପିନ୍ଦର ସିଂହ, କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଜ୍ୟୋତିର୍ମୟୀ ଓ ତାଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପାଠ୍ୟପୁସ୍ତକ ତ୍ରୁଟି ମାମଲା: ଆଉ ୩ ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚର ନୋଟିସ

**କଟକ,୧୫।୭(ପ୍ରବାହ ନ୍ୟୁଜ) :** ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ କ୍ରାଇମବ୍ରାଞ୍ଚ ଏତଲାରେ ନାମ ଥିବା ଆଉ ତିନିଜଣ ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି । ପାଠ୍ୟପୁସ୍ତକ ପ୍ରସ୍ତୁତି, ଅନୁମୋଦନ, ସମ୍ପାଦନା ଓ ପ୍ରକାଶନ ପ୍ରକ୍ରିୟାରେ ଯେଉଁମାନଙ୍କର ଯେଉଁ ଦାୟିତ୍ୱ ଥିଲା, ସେମାନଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ନୋଟିସ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଅଧିକାରୀ ସୂଚନା ଦେଇଛନ୍ତି । ଏହି ମାମଲାରେ ତଦନ୍ତ ଯେପରି ଆଗକୁ ବଢୁଛି, ସେଥିରୁ ଆଗାମୀ ଦିନରେ ଆହୁରି ଅନେକ ଅଧିକାରୀଙ୍କୁ ଜେରା ଏବଂ ଅଧିକ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି ।






## ବଦାନ୍ତ ଆଲୁମିନିୟମ ସାରା ଭାରତରେ ଶିଳ୍ପ-ସଂଯୁକ୍ତ ଦକ୍ଷତା କାର୍ଯ୍ୟକ୍ରମରେ
# ୧୫ହଜାରୁ ଅଧିକ ଯୁବକଙ୍କୁ କରିଛି ସଶକ୍ତ

**ଝାରସୁଗୁଡ଼ା,୧୫।୭(ପ୍ରବାହ ନ୍ୟୁଜ) :** ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା ଏବଂ ଛତିଶଗଡ଼ରେ ଶିଳ୍ପ-ସଂଯୁକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୫,୦୦୦ ରୁ ଅଧିକ ଯୁବକଙ୍କୁ ସଶକ୍ତ କରି ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛି। ଝାରସୁଗୁଡା, ଲାଞ୍ଜିଗଡ଼, ବାଲକୋ ଏବଂ ଏହାର କୋଇଲା ଖଣିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଯୁବପିଢ଼ିଙ୍କୁ ବଜାର-ପ୍ରାସଙ୍ଗିକ ଦକ୍ଷତା, ଶିଳ୍ପ ସମ୍ପ୍ରସାରଣ ଏବଂ ସ୍ଥାୟୀ ଜୀବିକା ନିର୍ବାହ ସୁଯୋଗ ସହିତ ସଜ୍ଜିତ କରୁଛି। କେବଳ ଆର୍ଥିକ ବର୍ଷ ୨୬ରେ, ବେଦାନ୍ତର ଦକ୍ଷତା କାର୍ଯ୍ୟକ୍ରମ ୧୫୦୦ ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି, ଯାହା ଭାରତର ଦକ୍ଷ ପ୍ରତିଭାର ବର୍ଦ୍ଧିତ ଚାହିଦାକୁ ସମର୍ଥନ କରିବା ସହିତ ନିଯୁକ୍ତି, ଉଦ୍ୟୋଗ ଏବଂ ଆର୍ଥିକ ସ୍ୱାଧୀନତା ପାଇଁ ପଥ ସୃଷ୍ଟି କରିଛି।

ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୬ର ବିଷୟବସ୍ତୁ, ଏକ ଅଂଶୀଦାର ଭବିଷ୍ୟତ ପାଇଁ ଦକ୍ଷତା, ଦ୍ରୁତ ପରିବର୍ତ୍ତିତ କାର୍ଯ୍ୟ ଜଗତରେ ଉନ୍ନତି ପାଇଁ ଯୁବକମାନଙ୍କୁ ବୈଷୟିକ, ଡିଜିଟାଲ୍, ଏଆଇ ଏବଂ ଆନ୍ତର୍ଜାତିକ ଦକ୍ଷତାର ମିଶ୍ରଣ ସହିତ ପ୍ରସ୍ତୁତ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଛି । ଶିଳ୍ପଗୁଡ଼ିକ ବର୍ଦ୍ଧିତ ଭାବରେ ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନକୁ ଗ୍ରହଣ କରୁଥିବାରୁ, ବେଦାନ୍ତ ଆଲୁମିନିୟମର ଦକ୍ଷତା ଇକୋସିଷ୍ଟମ ଶିଳ୍ପ-ମୁଖୀ ବୃତ୍ତିଗତ ତାଲିମ,



କ୍ୟାରିଅର ମାର୍ଗଦର୍ଶନ, କର୍ମକ୍ଷେତ୍ର ପ୍ରସ୍ତୁତି ଏବଂ ସ୍ଥାନ ସହାୟତା ପ୍ରଦାନ କରି ଏହି ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇଛି। ଭେଦକ୍ଷତା ଏବଂ ବେଦାନ୍ତ ସ୍କିଲ୍ ସ୍କୁଲ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, କମ୍ପାନୀ ଆକାଂକ୍ଷା ଏବଂ ସୁଯୋଗ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବାରେ ସାହାଯ୍ୟ କରୁଛି ଏବଂ ଯୁବପିଢ଼ିଙ୍କୁ ଭାରତର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ସକ୍ଷମ କରୁଛି।

ବେଦାନ୍ତର ଦକ୍ଷତା ବିକାଶ ପଦକ୍ଷେପର ଜଣେ ଲାଭାର୍ଥୀ ଅଭିଲଚନା ମହନ୍ତ କହିଛନ୍ତି, ଭେଦକ୍ଷତା ଦକ୍ଷତା କେନ୍ଦ୍ରରେ ଯୋଗଦାନ ମୋ ଜୀବନର ଏକ ମୋଡ଼ ଥିଲା। ଏହି ତାଲିମ ମୋତେ ଶିଳ୍ପ ଆବଶ୍ୟକତା ପାଇଁ ପ୍ରସ୍ତୁତ କରିଥିଲା ଏବଂ ଟାଟା ଇଲେକ୍ଟ୍ରୋନିକ୍ସରେ ଚାକିରି ସୁରକ୍ଷିତ କରିବାରେ ସାହାଯ୍ୟ କରିଥିଲା। ଆଜି ମୁଁ ଆର୍ଥିକ ଭାବରେ ସ୍ୱାଧୀନ ଏବଂ ମୋର ଭବିଷ୍ୟତ ବିଷୟରେ ଅଧିକ ଆତ୍ମବିଶ୍ୱାସୀ। ରାଣୀ କନୱାର ଆତିଥ୍ୟ ଶିଳ୍ପରେ ଏକ ସଫଳ କ୍ୟାରିଅର ଗଠନ ପାଇଁ ଖାଦ୍ୟ ଏବଂ ପାନୀୟ ସେବାରେ ତାଙ୍କର ତାଲିମକୁ ବ୍ୟବହାର କରିଥିଲେ, ଯେତେବେଳେ ନିଶା ମହନ୍ତ ସ୍ଥିର ନିଯୁକ୍ତି ସୁରକ୍ଷିତ କରିବା ଏବଂ ତାଙ୍କ ପରିବାରକୁ ସମର୍ଥନ କରିବା ପାଇଁ ଆର୍ଥିକ ଏବଂ ବ୍ୟକ୍ତିଗତ ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିଥିଲେ। ଏହି ଯାତ୍ରାଗୁଡ଼ିକ ନିଯୁକ୍ତି କ୍ଷମତା ବୃଦ୍ଧି, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ତୃଣମୂଳ ସ୍ତରରେ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ପ୍ରଭାବ ସୃଷ୍ଟି କରିବାରେ ବୃତ୍ତିଗତ ତାଲିମର ଭୂମିକା ଉପରେ ନିର୍ଭର କରେ। ଏହା ବୃତ୍ତିଗତ ତାଲିମ ନିଯୁକ୍ତି କ୍ଷମତାକୁ ବୃଦ୍ଧି ସହିତ ଆତ୍ମବିଶ୍ୱାସ ସୃଷ୍ଟି ଓ ତୃଣମୂଳସ୍ତରରେ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ପ୍ରଭାବ ସୃଷ୍ଟି କରିପାରିବ।

ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ବିଭିନ୍ନ ଅଞ୍ଚଳ ଏବଂ ସମ୍ପ୍ରଦାୟରେ ପ୍ରଭାବ ପ୍ରଦାନ କରିଚାଲିଛି। ବାଲକୋର ବେଦାନ୍ତ ସ୍କିଲ୍ ସ୍କୁଲରେ, ଆର୍ଥିକ ବର୍ଷ ୨୬ ରେ ୧୨୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦିଆଯାଇଥିଲା, ଯାହା ୮୩% ନିଯୁକ୍ତି ହାର ହାସଲ କରିଥିଲା, ଯେଉଁଥିରେ ୬୧% ମହିଳା ହିତାଧିକାରୀ ଏବଂ ଏସସି/ଏସଟି ସମ୍ପ୍ରଦାୟର ୫୯% ଅଂଶଗ୍ରହଣ ଥିଲା। ଏହି କାର୍ଯ୍ୟକ୍ରମ ୭୫ ରୁ ଅଧିକ ଶିଳ୍ପ ଅଂଶୀଦାରଙ୍କ ନେଟୱାର୍କ ମାଧ୍ୟମରେ ୨୩ ଜିଲ୍ଲାର ଯୁବକମାନଙ୍କୁ ୧୨ଟି ରାଜ୍ୟର ନିଯୁକ୍ତି ସୁଯୋଗ ସହିତ ଯୋଡ଼ିଛି। ଏହି ସମୟରେ, ବେଦାନ୍ତର କୋଇଲା ଖଣି ଦକ୍ଷତା ବିକାଶ କେନ୍ଦ୍ର ୩୧୮ ପ୍ରାର୍ଥୀଙ୍କୁ ପଞ୍ଜୀକରଣ କରିଛି, ୨୯୦ ଯୁବକଙ୍କୁ ପ୍ରମାଣିତ କରିଛି ଏବଂ ୧୩୧ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କରିଛି। ଝାରସୁଗୁଡାରେ, ଭେଦକ୍ଷତା ଦକ୍ଷତା କେନ୍ଦ୍ର ଆବାସିକ, ଶିଳ୍ପ-କେନ୍ଦ୍ରିତ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ନିଯୁକ୍ତି କ୍ଷମତାକୁ ସୁଦୃଢ଼ କରିବା ଜାରି ରଖିଛି। ଏକାଠି, ଏହି ପଦକ୍ଷେପଗୁଡ଼ିକ ଏକ ଦୃଢ଼ ପ୍ରତିଭା ପାଇପଲାଇନ୍ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରୁଛି ଏବଂ ବେଦାନ୍ତ ଆଲୁମିନିୟମର ବ୍ୟବସାୟିକ ସ୍ଥାନଗୁଡ଼ିକରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି।

ଭାରତ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ନବସୃଜନ କେନ୍ଦ୍ର ହେବା ଦିଗରେ ଏହାର ଯାତ୍ରାକୁ ତ୍ୱରାନ୍ୱିତ କରୁଥିବା ବେଳେ, ବେଦାନ୍ତ ଆଲୁମିନିୟମ ଦକ୍ଷତା ବିକାଶ, ନିଯୁକ୍ତି ଏବଂ ସ୍ଥାୟୀ ଜୀବିକା ମାଧ୍ୟମରେ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ। ଶିଳ୍ପ-ସମର୍ଥିତ ତାଲିମ, ଦୃଢ଼ ନିଯୁକ୍ତି ସଂଯୋଗ ଏବଂ ସମ୍ପ୍ରଦାୟ ସହଭାଗୀତାକୁ ମିଶ୍ରଣ କରି, କମ୍ପାନୀ ବ୍ୟକ୍ତି, ପରିବାର ଏବଂ ସମ୍ପ୍ରଦାୟ ପାଇଁ ସ୍ଥାୟୀ


Printed, Published and owned by Diptimanjari Mohapatra, Printed at Mallhar Publications, Plot No. D.1/1, SECTOR-A, ZONE-D, MANCHESWAR INDUSTRIAL ESTATE, BHUBANESWAR-751010, KHORDHA, ODISHA and Published Srutirekha Nivas, Plot No- 154/462, Nilachakra Nagar, Gopinathpur, Puri, Odisha, Pin-752002, Email id:prabaha.daily@gmail.com, prabaha2008@gmail.com, Mo-9938340066

ସମ୍ପାଦକ: ଅଭିମନ୍ୟୁ ମହାପାତ୍ର
Editor : Abhimanyu Mohapatra